ଧରିତ୍ରୀ
DHARITRI
April 24-30, 2022 ₹ 2/-

# ମଧ୍ୟାହ୍ନ





## ଏକ ନୁହେଁ ଅନେକ

ତାଜମହଲ, ଆଇଫିଲ୍ ଟାୱାର ହେଉ କି ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଅବା କ୍ରିଷ୍ଟ ଅଫ୍ ରିଡିମର୍। ଏସବୁ ସ୍ଥାପତ୍ୟ ସାରା ବିଶ୍ୱରେ ପରିଚିତ। ଏଗୁଡ଼ିକ ଏକ ଓ ଅଦ୍ୱିତୀୟ ବୋଲି ଅନେକେ ମନେ କରନ୍ତି। ହେଲେ ଏସବୁର ନକଲ ଅନେକ ସ୍ଥାନରେ କରାଯାଇଛି। ଆଉ ସେସବୁ ଦେଖିବାକୁ ବି ଅବିକଳ ଅସଲି ସ୍ଥାପତ୍ୟ ପରି। କିନ୍ତୁ ଅନେକଙ୍କ ପାଇଁ ଏହା ଆଜିବି ଅଜଣା ହୋଇ ରହିଛି...

୩
ପ୍ରଚ୍ଛଦ ପ୍ରସଙ୍ଗ



# କେତୋଟି ଜାଣିବା କଥା

*ନୀରବତା ଓ ଧୈର୍ଯ୍ୟଠାରୁ ବଡ଼ କୌଣସି ଗୁଣ ନାହିଁ। ନୀରବତା ଦ୍ୱାରା ସମସ୍ତ ପରିସ୍ଥିତିକୁ ସାମ୍ନା କରାଯାଇପାରେ ଓ ଧୈର୍ଯ୍ୟ ଦ୍ୱାରା ସମସ୍ତ ବିପଦକୁ ପାରି କରାଯାଇପାରେ।

*ଶ୍ରଦ୍ଧାରୁ ଜ୍ଞାନ ମିଳିଥାଏ, ନମ୍ରତାରୁ ମାନ ମିଳିଥାଏ ଏବଂ ନିଜ ଯୋଗ୍ୟତାରୁ ସ୍ଥାନ ମିଳିଥାଏ। ଆଉ ଯେବେ ଏଇ ତିନୋଟି ଯାକ ମିଶିଯାଏ ସେବେ ମଣିଷକୁ ସମ୍ମାନ ମିଳିଥାଏ।

*ସମ୍ପର୍କର ଡୋରି ସେବେ ଦୁର୍ବଳ ହୋଇଯାଇଥାଏ, ଯେବେ ଲୋକେ ନିଜ ଲୋକଙ୍କୁ ପର ଓ ପର ଲୋକଙ୍କୁ ନିଜର ଭାବିବାରେ ଲାଗିଯାନ୍ତି।

*ସମ୍ମାନ ଏମିତି ଏକ ନିବେଶ ଅଟେ, ଯାହାକି ଆମେ ଯେତେ ଅଧିକ ଅନ୍ୟକୁ ଦେଇଥାଉ ତାହା ସେତେ ଅଧିକ ସୁଧ ସହିତ ଆମକୁ ମିଳିଥାଏ।

*ନିଜ ଭିତରେ ଥିବା ଅହଂକାରକୁ ବାହାର କରିଦେଇ ନିଜକୁ ହାଲ୍କା କରିବା ଦରକାର। କାରଣ ଉପରକୁ ସେହିମାନେ ଉଠିଥାନ୍ତି, ଯେଉଁମାନେ ହାଲ୍କା ହୋଇଥାନ୍ତି।

*ନିଜ ସୁଖ ପାଇଁ କରାଯାଇଥିବା କର୍ମ ସୀମିତ ସୁଖ ଦେଇଥାଏ, କିନ୍ତୁ ପରୋପକାର ପାଇଁ କରାଯାଇଥିବା କର୍ମ ନିତ୍ୟ ନୂତନ ଆନନ୍ଦ ଦେଇଥାଏ।



*କୌଣସି ମନୁଷ୍ୟର ବର୍ତ୍ତମାନର ଅବସ୍ଥା ଦେଖି ତାହାର ଭବିଷ୍ୟତକୁ ଉପହାସ କରିବା ଠିକ୍ ନୁହେଁ କାହିଁକି ନା; ଭବିଷ୍ୟତର ଏପରି ଶକ୍ତି ରହିଛି, ସେ ଗୋଟିଏ କୋଇଲାକୁ ମଧ୍ୟ ସୁନାରେ ପରିଣତ କରିପାରିବ।

*ଦୀପ ମାଟିର ହେଉ କି ସୁନାର, ସେଇଟା ମହତ୍ତ୍ୱପୂର୍ଣ୍ଣ ନୁହେଁ; ଏହା କେତେ ପରିମାଣର ସ୍ଥାନକୁ ଆଲୋକିତ କରୁଛି ତାହା ମହତ୍ତ୍ୱପୂର୍ଣ୍ଣ। ସେହିପରି ମଣିଷ ଗରିବ ହେଉ କି ଧନୀ, ତାହା ମହତ୍ତ୍ୱପୂର୍ଣ୍ଣ ନୁହେଁ; ସୁନ୍ଦର ବ୍ୟବହାର ସବୁଠୁ ମହତ୍ତ୍ୱପୂର୍ଣ୍ଣ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୨୪-୩୦

**ମେଷ** – ହସଖୁସୀରେ ସମୟ କଟିବ, ଅର୍ଥାଭାବ ରହିବନି, ବନ୍ଧୁ ସହଯୋଗ ମିଳିବ। ପଦସ୍ଥବ୍ୟକ୍ତିଙ୍କ ନିମନ୍ତ୍ରଣ ମିଳିବ, ପାରିବାରିକ ଭୁଲ୍ ବୁଝାମଣା, ଦୂରଯାତ୍ରାର ପ୍ରସ୍ତୁତି।

**ବୃଷ** – ସହକର୍ମୀଙ୍କ ସହଯୋଗ ଲୋଡିବେ, ଯାତ୍ରା ସ୍ଥଗିତ ରହିବ। ବ୍ୟବସାୟ ଠିକ୍ ଚାଲିବ, ଭାଇ ଭଗାରି ସାଜିବେ, ସତ୍‌ସଙ୍ଗ ସାନ୍ନିଧ୍ୟ ପାଇବେ।

**ମିଥୁନ** – ନୂଆ ଅଭିଯୋଗ ଆସିବ। ବିଶିଷ୍ଟବ୍ୟକ୍ତିଙ୍କୁ ମିଶିବେ, ଅସୁବିଧା କଥା କହିବେ, ବିବାଦେ ବିଜୟ ହୋଇବ, ପାରିବାରିକ ବିବାଦ ଆପୋଷ ମିଳାମିଶାରୁ ସମାଧାନ।

**କର୍କଟ** – ବନ୍ଧୁଗହଣରେ ଅପମାନିତ, ଭାବପ୍ରବଣତା ବୃଦ୍ଧି ପାଇବ, ବ୍ୟବସାୟରେ ଉନ୍ନତି। ପାରିବାରିକ ମତଭେଦ, ସୁଯୋଗ ହାତଛଡା ହୋଇ ଯାଇପାରେ।

**ସିଂହ** – ଆର୍ଥିକ ସ୍ୱଚ୍ଛଳତା, ମାନସିକ ଶାନ୍ତି ବ୍ୟାହତ ହେବ, ଶାରୀରିକ ଅସୁସ୍ଥି, ସାହିତ୍ୟକୃତିରୁ ସମ୍ମାନ, ସାମ୍ବାଦିକତାରୁ ଗୌରବ, ସନ୍ତାନଙ୍କ ସକାଶେ ବ୍ୟସ୍ତତା, ଶିଳ୍ପ ଓ ବାଣିଜ୍ୟରେ ଉନ୍ନତି।

**କନ୍ୟା** – କର୍ମଜାଳ ବୃଦ୍ଧି, ଅର୍ଥସଂକଟରୁ ମନସ୍ତାପ, ତିର୍ଥାଟନ ଚିନ୍ତା। ମାନସିକ ଦୁର୍ଭାବନା, ଲେଖାପଢାରେ କୁଶଳ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ଚଳଚ୍ଚିତ୍ରରେ ପ୍ରଶଂସା।

**ତୁଳା** – ଉଲ୍ଲେଖନୀୟ କାର୍ଯ୍ୟ, ସଂଗଠନିକ କାର୍ଯ୍ୟରେ ସହଯୋଗ, ରୋଗପୀଡ଼ାରେ କଷ୍ଟ। ଧାର ସୂତ୍ରରେ ଅର୍ଥପ୍ରାପ୍ତି, ନିଜ ଲୋକଙ୍କ ବିଶ୍ୱାସଘାତକତା, ଶିଳ୍ପବାଣିଜ୍ୟରେ ଉନ୍ନତି।

**ବିଛା** – ଆଶଙ୍କାଗ୍ରସ୍ତ ହେବେ, ମାନସିକ ଅସୁସ୍ଥତା, ସଭାସମିତିକୁ ନିମନ୍ତ୍ରଣ। ଜମିଜମା ବିବାଦ, ବନ୍ଧୁଙ୍କ କାମରେ ସାହାଯ୍ୟ, ନୂତନ ବନ୍ଧୁତ୍ୱ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି।

**ଧନୁ** – ଇଚ୍ଛା ବିରୁଦ୍ଧରେ କାମ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ। ସୁଦୃଢ ବ୍ୟବସାୟିକ ସ୍ଥିତି, ଆନୁଷ୍ଠାନିକ ଆଲୋଚନା, ଧାତୁ ଅଳଙ୍କାର କ୍ରୟ, କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ସହକର୍ମୀଙ୍କ ଉଦାରତା।

**ମକର** – ଆକସ୍ମିକ କଳହ, ଜନହିତକର କାର୍ଯ୍ୟରେ ଲିପ୍ତ। ଶାନ୍ତି ଓ ସ୍ଥିରତା ଫେରିବ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ସୌଜନ୍ୟତା, ସୁସ୍ୱାଦୁଭୋଜନ ପ୍ରାପ୍ତି, ବନ୍ଧୁମିଳନ, ନୃତ୍ୟସଙ୍ଗୀତରୁ ପ୍ରଶଂସା।

**କୁମ୍ଭ** – ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ, ପ୍ରଶାସନିକ ତତ୍ପରତା। ଭ୍ରମଣ ହେତୁକ କ୍ଳାନ୍ତି, ଭୁଲ୍ ଖବରରୁ ଅସ୍ଥିରତା, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ବ୍ୟୟ ବୃଦ୍ଧି, ପରିବହନରେ ସମସ୍ୟା।

**ମୀନ** – ସଭାସମିତିକୁ ଆହ୍ୱାନ, ଉଦ୍ୟମ ସଫଳ। ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟ, ଆଶାଜନକ ସୁଫଳ, ଖର୍ଚ୍ଚ ପରିମାଣ ବଢିବ, କରଜଦାତାଙ୍କ ଚାପ, ବିଦେଶଯାତ୍ରାର ସୁଯୋଗ।

# ଉପକାରୀ ସମର୍ ଡ୍ରିଙ୍କ୍ସ

**ଖ**ରାଦିନେ ଶୋଷ ମେଣ୍ଟାଇବାକୁ ଅନେକେ କୋଲ୍ଡ ଡ୍ରିଙ୍କ୍ସ ଅଥବା ସୋଡା ଡ୍ରିଙ୍କ୍ସ ପିଇବାକୁ ଭଲ ପାଇଥାନ୍ତି। କିନ୍ତୁ ଏହା ଶରୀର ପକ୍ଷେ ଆଦୌ ହିତକର ନୁହେଁ। ତେଣୁ ଏଠାରେ ସେମିତି କେତୋଟି ଉପକାରୀ ପାନୀୟ ସମ୍ପର୍କରେ ଉଲ୍ଲେଖ କରାଯାଉଛି, ଯାହାକୁ ପିଇଲେ ଖରାଦିନେ ଶୋଷ ମେଣ୍ଟିବା ସହ ଶରୀରକୁ ଉତ୍ତମ ପୋଷଣ ମଧ୍ୟ ମିଳିପାରିବ। ଯେମିତିକି: **ପଇଡ଼ ପାଣି–** ଏଥିରେ ଭରପୂର ମାତ୍ରାରେ ଭିଟାମିନ୍ ଓ ଖଣିଜ ପଦାର୍ଥ ଥିବାରୁ, ଏହାକୁ ପିଇଲେ ଖରାଦିନେ ଶରୀରରେ ଜଳୀୟଅଂଶ ଠିକ୍‌ଠାକ୍ ରହିବା ସହ ଥକ୍କାପଣ ଦୂର ହୋଇଯାଏ। ପେଟ ମଧ୍ୟ ଥଣ୍ଡା ରହିଥାଏ। **ଲେମ୍ବୁ ପାଣି–** ଏଥିରେ ଭିଟାମିନ୍ ସି ପ୍ରଚୁର ମାତ୍ରାରେ ଥାଏ। ଖରାଦିନେ ଏହାକୁ ପିଇଲେ ଶରୀରକୁ ଫୂର୍ତ୍ତି ଲାଗିବା ସହ ପାଚନ କ୍ରିୟା ମଧ୍ୟ ଭଲ ହୋଇଥାଏ। **ଦହି ସରବତ–** ଖରାଦିନେ ବିଭିନ୍ନ କାରଣରୁ ପେଟ ଗରମ ହୋଇଯାଏ। ଯଦି ଏହିଦିନେ ଦହି ସରବତ ପିଆଯାଏ, ତା'ହେଲେ ପେଟ ଥଣ୍ଡା ରହିବା ସହ ଶରୀରକୁ



ତାଜାପଣ ମିଳିଥାଏ। **ଫ୍ରୁଟ୍ ଜୁସ୍–** ଖରାଦିନେ ଫ୍ରୁଟ୍ ଜୁସ୍ ପିଇବା ମଧ୍ୟ ଶରୀର ପକ୍ଷେ ଖୁବ୍ ଉପକାରୀ ହୋଇଥାଏ। ପ୍ରଚୁର ଗରମରେ ଦେହରୁ ଝାଳ ବୋହିବା ଯୋଗୁ ଖରାଦିନେ ଶରୀରରୁ ଜଳୀୟଅଂଶ କମିଯାଇଥାଏ। ଫଳରେ ଥକ୍କାପଣ ଅନୁଭବ ହୁଏ। ଏଥିପାଇଁ ଖରାଦିନେ ମିଳୁଥିବା ବିଭିନ୍ନ ଫଳମୂଳରେ ତିଆରି ଫ୍ରୁଟ୍ ଜୁସ୍ ପିଇଲେ ଶରୀରକୁ ଶକ୍ତି ମିଳିବା ସହ ଫୁର୍ତ୍ତି ମଧ୍ୟ ଲାଗିଥାଏ।

# ପାଠକୀୟ

* ଓଡ଼ିଆ ପାଞ୍ଜି ଅନୁଯାୟୀ, ବୈଶାଖ ମାସର ସଂକ୍ରାନ୍ତିକୁ ମହାବିଷୁବ ସଂକ୍ରାନ୍ତି କୁହାଯାଏ। ଏହି ପବିତ୍ର ଦିନଟି ବର୍ଷର ପ୍ରଥମ ମାସର ପହିଲା ଦିନ ହୋଇଥିବାରୁ ଓଡ଼ିଶାରେ ଏହାକୁ 'ଓଡ଼ିଆ ନବବର୍ଷ' ଭାବେ ସମସ୍ତେ ପାଳିଥାନ୍ତି। ପାରିବାରିକ, ସାମାଜିକ ତଥା ଆଧ୍ୟାତ୍ମିକ ଭିତ୍ତିଭୂମିକୁ ସୁଦୃଢ କରୁଥିବା ଏହି ପବିତ୍ର ମହାବିଷୁବ ସଂକ୍ରାନ୍ତିର ରହିଛି ଅନେକ ମାହାତ୍ମ୍ୟ। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମହାବିଷୁବ ସଂକ୍ରାନ୍ତି'ଟି ଅତି ଚମତ୍କାର ଥିଲା। 'ମୁଖ୍ୟ ଦ୍ୱାରରେ ଶୁଭ କଳସ ରଖୁଥିଲେ' ଏବଂ 'ଉପକାରୀ ଅଁଳା ଗଛ' ଆଦି ପାଠଗୁଡ଼ିକରୁ ଅନେକ ଅଜଣା କଥା ଜାଣିହେଲା।

*–ରାକେଶ ସ୍ୱାଇଁ, ଜଟଣୀ, ଖୋର୍ଦ୍ଧା*

*ପବିତ୍ର ମହାବିଷୁବ ସଂକ୍ରାନ୍ତିକୁ ଆଧାର କରି ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟିର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ନେକ୍ ଡିଜାଇନ୍ ଓ ନେକଲେସ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳୁବାରୁ ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିକ୍ଷାବିତ୍, ସ୍ତମ୍ଭକାର, କବି, ଗାଳ୍ପିକ, ନାଟ୍ୟକାର ତଥା ସମାଜସେବୀ ବିପିନ ବିହାରୀ ମହାନ୍ତିଙ୍କ ଜୀବନି ସମ୍ପର୍କରେ ପଢି ଅନେକ ପ୍ରେରଣା ମିଳିଲା।

*–ଧାନମଣୀ ପ୍ରଧାନ, ଚନ୍ଦନପୁର, ପୁରୀ*

*ସୃଜନ ପୃଷ୍ଠାରେ ସ୍ଥାନିତ 'ସମାଧି' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। 'ବନ୍ଧୁତା' ଓ 'ଚୈତ୍ର: ଏକ ସ୍ୱପ୍ନର ବାଲିଘର' ନାମକ କବିତା ଦୁଇଟି ବି ଖୁବ୍ ମନଛୁଆଁ ଲାଗୁଥିଲା। ସିନେମା ପୃଷ୍ଠାଟି ମଧ୍ୟ ବେଶ୍ ଆକର୍ଷଣୀୟ ଲାଗୁଥିଲା। ଖାସ୍ କରି ଏଥିରେ ସ୍ଥାନିତ ଅନନ୍ୟା ପାଣ୍ଡେଙ୍କ ଫଟୋ ଅତି ସୁନ୍ଦର ହୋଇଥିଲା। ପ୍ରଶାସନିକ ଅଧିକାରୀ ତଥା ସାହିତ୍ୟିକ ଡ.ଦୟାସିନ୍ଧୁ ପରିଡ଼ାଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଆଲେଖ୍ୟଟି ବେଶ୍ ପ୍ରେରଣାଦାୟୀ ଥିଲା।

*–ଭୁବନେଶ୍ୱରୀ ମହାନ୍ତି, ବିଞ୍ଝାରପୁର, ଯାଜପୁର*

*'ନୂଆରୂପରେ ମାଟିପାତ୍ର' ନାମକ ଆଲେଖ୍ୟଟି ବେଶ୍ ନିଆରା ଲାଗୁଥିଲା। ମଡେଲ୍ ମିରର୍‌ରେ ଜୟାନୀ ଖୁବ୍ ସୁନ୍ଦରୀ ଦେଖାଯାଉଥିଲେ। ହାଃ ହାଃ ମଧ୍ୟ ଖୁବ୍ ମଜାଦାର୍ ହୋଇଥିଲା। ପ୍ରସିଦ୍ଧ ଶୈବପୀଠ ବୈଦ୍ୟନାଥ ମନ୍ଦିର ସମ୍ପର୍କରେ ବହୁ ଅଜଣା କଥା ସହର ପୃଷ୍ଠାରୁ ଜାଣି ଖୁସି ଲାଗିଲା। 'ବାଦଲ ଭିତରେ ଯାଉଛି ରେଳ' ଏକ ନିଆରା ଆଲେଖ୍ୟ ଥିଲ।

*–ମିନତୀ ବେହେରା, କୋସାଗୁମୁଡ଼ା, ନବରଙ୍ଗପୁର*

*ଏଥରର ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ନିଶାର ଖେଳ' ଏକ ଶିକ୍ଷଣୀୟ ବିଷୟବସ୍ତୁ ଉପରେ ଅଧାରିତ ଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଅଦୃଶ୍ୟ ଘର', 'ମହିଳା ବଜାର', 'ଲମ୍ୱା ପେପର କ୍ଲିପ୍ ଚେନ୍' ଆଦି ପାଠଗୁଡ଼ିକ ମଧ୍ୟ ଖୁବ୍ ଆଶ୍ଚର୍ଯ୍ୟକର ଲାଗୁଥିଲା।

*–ଅସମାପିକା ଦାଶ, ଶହୀଦନଗର, ଭୁବନେଶ୍ୱର*

## ବିଶେଷ ଚିଠି



ପ୍ରଚ୍ଛଦ ପ୍ରସଙ୍ଗ ମହାବିଷୁବ ସଂକ୍ରାନ୍ତି
ଶିଖିଗଲି କେତେ ନୂଆ ରୀତିନୀତି।
ସୃଜନରୁ ପଢିଲି ଗପ ସମାଧି
ସହରରୁ ଜାଣିଲି ବୈଦନାଥଙ୍କ ପ୍ରସିଦ୍ଧି।
ସାଥୀର ଉତ୍ତର ମୋତେ କଲା କିମିଆ
ବ୍ୟଙ୍ଗ ବି ତୁମର ଦେଖାଇଲା ନୂଆ ରାହା।
ସତରେ ଛୁଟିଦିନ ତୁମେ କେତେ ବଢିଆ
ସବୁବେଳେ ଏମିତି ଖୁସିରେ ଥାଆ।

*–ମଞ୍ଜୁଳା ତ୍ରିପାଠୀ,*
*ଭବାନୀପାଟଣା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

ତାଜମହଲ, ଆଇଫେଲ୍ ଟାୱାର ହେଉ କି ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଅବା କ୍ରିଷ୍ଟ ଅଫ୍ ରିଡିମର୍। ଏସବୁ ସ୍ଥାପତ୍ୟ ସାରା ବିଶ୍ୱରେ ପରିଚିତ। ଏଗୁଡ଼ିକ ଏକ ଓ ଅଦ୍ୱିତୀୟ ବୋଲି ଅନେକେ ମନେ କରନ୍ତି। ହେଲେ ଏସବୁର ନକଲ ଅନେକ ସ୍ଥାନରେ କରାଯାଇଛି। ଆଉ ସେସବୁ ଦେଖିବାକୁ ବି ଅବିକଳ ଅସଲି ସ୍ଥାପତ୍ୟ ପରି କିନ୍ତୁ ଅନେକଙ୍କ ପାଇଁ ଏହା ଆଜିବି ଅଜଣା ହୋଇ ରହିଛି...













# ଏକ ନୁହେଁ ଅନେକ

ସ୍ଥାପତ୍ୟ କେବଳ ଜଣେ ସ୍ଥପତିର ସୃଜନଶୀଳ କାରିଗରି ନୁହେଁ। ଏହା କେବେ ଏକ ସ୍ଥାନର ଗୌରବମୟ ଇତିହାସର ଗାଥାକୁ ପ୍ରକାଶ କରେ ତ ପୁଣି କେବେ ପାଲଟେ କିଛି ସ୍ମୃତି, ସଂସ୍କୃତିର ପ୍ରତୀକ। ଅନେକ ସମୟରେ ତ ସେହି ସ୍ଥାପତ୍ୟର ଭବ୍ୟତା ଆକୃଷ୍ଟ କରେ ସାରା ବିଶ୍ୱକୁ। ଆଉ ତାହା ପାଲଟିଯାଏ ଏକ ସ୍ଥାନର ପରିଚୟ। ଏମିତି ବି ହୋଇଛି ସ୍ଥାପତ୍ୟଟିର ସେଇ ପ୍ରସିଦ୍ଧି ଓ ଲୋକପ୍ରିୟତାକୁ ଦେଖି ଅନ୍ୟ କିଛି ଦେଶ ବି ଚାହିଁଛନ୍ତି ସେହିଭଳି ସ୍ଥାପତ୍ୟଟିଏ ତାଙ୍କ ଦେଶରେ ବି ହେଉ। ସେଥିଲାଗି ପୂରାପୂରି ସେହି ଆକାର, ଆକୃତିର ନ ହୋଇ ପାରିଲେ ବି ପାଖାପାଖି ସେହିଭଳି ସ୍ଥାପତ୍ୟଟିଏ ଗଢ଼ି ତୋଳନ୍ତି ନିଜ ଦେଶରେ। ହେଲେ ତାହା ପାଇପାରି ନ ଥାଏ ମୁଖ୍ୟ ସ୍ଥାପତ୍ୟ ପରି ପ୍ରସିଦ୍ଧି ଓ ଲୋକପ୍ରିୟତା। ବିଶ୍ୱ ପ୍ରସିଦ୍ଧ ସ୍ଥାପତ୍ୟଗୁଡ଼ିକର ସେହିସବୁ ନକଲ ସମ୍ପର୍କରେ ଏଥରର ପ୍ରଚ୍ଛଦ ପ୍ରସଙ୍ଗ...

## ତାଜମହଲ


ଆଗ୍ରାରେ ଯମୁନା ନଦୀ କୂଳରେ ଅମର ପ୍ରେମର ସ୍ମାରକୀ ଭାବେ ଦଣ୍ଡାୟମାନ ହୋଇ ରହିଛି ତାଜମହଲ। ଶହ ଶହ ବର୍ଷ ଧରି ଏହା ମୋଗଲ ସମ୍ରାଟ ଶାହଜାହାନ ଓ ତାଙ୍କ ପତ୍ନୀ ମମତାଜଙ୍କ ପ୍ରେମର ଗାଥା ମନେପକାଇ ଆସୁଛି। ସପ୍ତଦଶ ଶତାବ୍ଦୀରେ ଧଳା ମାର୍ବଲରେ ନିର୍ମିତ ଏହି ଆକର୍ଷକ ସମାଧିପୀଠ ସପ୍ତାଶ୍ଚର୍ଯ୍ୟରେ ମଧ୍ୟ ଅନ୍ତର୍ଭୁକ୍ତ। ଏହାର ସୌନ୍ଦର୍ଯ୍ୟ ସବୁବେଳେ ସାରା ପୃଥିବୀବାସୀଙ୍କ ଦୃଷ୍ଟିଆକର୍ଷଣ କରିଆସିଛି। ତେଣୁ ଏହାର ନକଲ କରିବାର ପ୍ରୟାସ ବି ହୋଇଛି। ଆଉ ଭିନ୍ନ ଭିନ୍ନ ସ୍ଥାନରେ ତିଆରି ହୋଇଛି ଅନେକ ତାଜମହଲ। ହେଲେ ପ୍ରକୃତ ତାଜମହଲର ସ୍ଥାନ ନା କେହି ନେଇ ପାରିଛି ନା କେହି ନେଇପାରିବ।


**ବାଂଲାଦେଶର ତାଜମହଲ:** ରାଜଧାନୀ ଢାକାରେ ଅଛି ତାଜମହଲର ଏହି ନକଲ। ଏହାକୁ ବାଂଲାଦେଶର ଧନୀକ ଚଳଚ୍ଚିତ୍ର ନିର୍ମାତା ଅହସନୁଲା ମୋନି ୨୦୦୮ରେ ନିର୍ମାଣ କରାଇଥିଲେ। ସେ କୁହନ୍ତି, '୧୯୮୦ରେ ଆଗ୍ରା ଯାଇଥିବା ବେଳେ ତାଜମହଲର ଅପୂର୍ବ ସୌନ୍ଦର୍ଯ୍ୟ ଦେଖି ମୁଁ ମନ୍ତ୍ରମୁଗ୍ଧ ହୋଇଯାଇଥିଲି। ଦିନେ ନା ଦିନେ ଆଉ ଏକ ତାଜମହଲ ନିଜ ଦେଶରେ ନିର୍ମାଣ କରିବାର ଯୋଜନା କରିଥିଲି। ଯାହାକୁ ସଫଳ କରିପାରିଥିବାରୁ ବହୁତ ଖୁସି ଲାଗେ।'


**ଚାଇନାର ତାଜମହଲ:** ବିଭିନ୍ନ ଦେଶର ପ୍ରସିଦ୍ଧ ସ୍ଥାପତ୍ୟକୁ ନକଲ କରିବାରେ ଚାଇନା ବେଶ୍ ପରିଚିତ। ଭାରତର ଗୌରବକୁ ଦର୍ଶାଉଥିବା ତାଜମହଲର ଏକ ନକଲ ସ୍ଥାପତ୍ୟ ବି ଚାଇନାରେ ଗଢାଯାଇଛି। ପାଖାପାଖି ଅସଲି ତାଜମହଲ ପରି ଦେଖାଯାଉଥିବା ଏହି ସ୍ଥାପତ୍ୟଟି ଶେନଝେନସ୍ଥ 'ୱିଣ୍ଡୋ ଟୁ ଦ ୱାର୍ଲ୍ଡ' ଥିମ୍ ପାର୍କରେ ରହିଛି। ଏହି ପାର୍କରେ ପୃଥିବୀର ଅନ୍ୟ କିଛି ପ୍ରସିଦ୍ଧ କୀର୍ତ୍ତିରାଜିର ନକଲ ବି ଦେଖିବାକୁ ମିଳେ।

**ତାଜ ଅଫ୍ ଦ ଡେକାନ/ ବିବି କା ମକବରା:** କେବଳ ଯେ ଶାହଜାହାନ ତାଙ୍କ ପ୍ରିୟ ପତ୍ନୀଙ୍କ ସ୍ମୃତିରେ ତାଜମହଲ ନିର୍ମାଣ କରାଇଥିଲେ ତାହା ନୁହେଁ, ତାଙ୍କ ପରିପିଢ଼ି ମଧ୍ୟ ଏହି ଧାରାକୁ ଅନୁସରଣ କରିଥିଲେ। ଆଉ ତାଙ୍କ ପୁଅ ଔରଙ୍ଗଜେବ ପତ୍ନୀ ଦିଲ୍‌ରାସ ବାନୁ ବେଗମଙ୍କ ସ୍ମୃତିରେ ନିର୍ମାଣ କରାଇଥିଲେ 'ବିବି କା ମକବରା' ନାମକ ସମାଧିପୀଠ। ମହାରାଷ୍ଟ୍ରର ଔରଙ୍ଗାବାଦରେ ଥିବା ଏହି ସ୍ଥାପତ୍ୟଟି ଅନେକାଂଶରେ ତାଜମହଲ ପରି ଦେଖିବାକୁ।

**ମିନି ତାଜମହଲ:** ଅନେକଙ୍କ ଧାରଣା ଥାଏ ଯେ, ଧନୀ ରାଜା ମହାରାଜା ହିଁ କେବଳ ନିଜ ପତ୍ନୀଙ୍କ ସ୍ମୃତିରେ ତାଜମହଲ ପରି ଭବ୍ୟ ସ୍ଥାପତ୍ୟ ନିର୍ମାଣ କରିପାରିବେ। ସାଧାରଣ ମଣିଷ ପକ୍ଷେ ଏହା ଆଦୌ ସମ୍ଭବ ନୁହେଁ। କିନ୍ତୁ ଏହାକୁ ଭୁଲ୍ ବୋଲି ପ୍ରମାଣିତ କରିଛନ୍ତି ଜଣେ ଅବସରପ୍ରାପ୍ତ ପୋଷ୍ଟମାଷ୍ଟର। ଫୈଜୁଲ ହସନ କଦ୍ରୀ ନାମକ ଏହି ବ୍ୟକ୍ତି ପ୍ରିୟ ପତ୍ନୀ ତଜମୁଲୀ ବେଗମଙ୍କ ସ୍ମୃତିରେ ନିଜ ଗାଁ ଉତ୍ତର ପ୍ରଦେଶର ବୁଲନ୍ଦସହରରେ ଗଢି ତୋଳିଛନ୍ତି ଏକ ମିନି ତାଜମହଲ। ୨୦୧୧ରେ ତାଙ୍କ ପତ୍ନୀଙ୍କର ଗଳା କର୍କଟରେ ଦେହାନ୍ତ ହୋଇଥିଲା। ଫୈଜୁଲ ହସନ ଏଥିରେ ଭାଙ୍ଗିପଡିଥିଲେ। →


ଚାଇନାର ସ୍ଫିଙ୍କସ୍


ଦ ଗ୍ରେଟ୍ ସ୍ଫିଙ୍କସ୍ ଅଫ୍ ଗିଜା, ଇଜିପ୍ଟ



ଷ୍ଟାଚ୍ୟୁ ଅଫ୍ ଲିବର୍ଟି, ନ୍ୟୁୟର୍କ



କୋଲମାର



ନରୱେ

କିନ୍ତୁ ପରବର୍ତ୍ତୀ ସମୟରେ ସେ ଜୀବନସାରା ସଞ୍ଚୟ କରିଥିବା ସମସ୍ତ ପୁଞ୍ଜିକୁ ଲଗାଇ ପତ୍ନୀଙ୍କ ସ୍ମୃତିରେ ନିର୍ମାଣ କଲେ ଏକ ଛୋଟ ତାଜମହଲ।

## ଆଇଫିଲ୍ ଟାୱାର

ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ଅଛି ଲୌହରେ ନିର୍ମିତ ବିଶ୍ୱ ପ୍ରସିଦ୍ଧ ଆଇଫିଲ ଟାୱାର। ଅଦ୍ୱିତୀୟ ଢାଞ୍ଚା, ଭବ୍ୟତା ଓ ସୌନ୍ଦର୍ଯ୍ୟ ପାଇଁ ଏହା ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ବି ସାମିଲ ହୋଇଛି। ଫ୍ରାନ୍ସର ପରିଚୟ ପାଲଟିଥିବା ଏହି ଆଇଫିଲ ଟାୱାରକୁ ପ୍ରେମର ପ୍ରତୀକ ଭାବେ ମଧ୍ୟ ଗଣନା କରାଯାଏ। ୧୮୮୭ରେ ପ୍ୟାରିସସ୍ଥ ଚାମ୍ପ ଡି ମାର୍ସସ୍ଥ ସିନ୍ ନଦୀ ତଟରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୮୮୯ରେ ଏହାର କାମ ସମ୍ପୂର୍ଣ୍ଣ ହୋଇଥିଲା। ଏହାକୁ ଡିଜାଇନ କରିଥିଲେ ପ୍ରଖ୍ୟାତ ଇଞ୍ଜିନିୟର ଗୁସ୍ତଭ ଆଇଫିଲ। ତାଙ୍କରି ନାମାନୁସାରେ ହିଁ ଟାୱାରର ନାମକରଣ ହୋଇଛି। ଏହାର ଉଚ୍ଚତା ୩୩୦ ମିଟର । ଫ୍ରାନ୍ସ କ୍ରାନ୍ତିର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଏହି ପୃଥିବୀ ପ୍ରସିଦ୍ଧ ଟାୱାରର ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହା ଏତେ ପ୍ରସିଦ୍ଧ ହୋଇଗଲା ଯେ, ଆଇଫିଲ୍ ଟାୱାର ପରି ସ୍ଥାପତ୍ୟ ଅନ୍ୟ କିଛି ସ୍ଥାନରେ ବି ନିର୍ମାଣ କରାଗଲା। ଯେମିତିକି–

**ଟୋରେ ଆଇଫିଲ୍:** ମେକ୍ସିକୋର ଦୁରଙ୍ଗୋରେ ନିର୍ମିତ ଟୋରେ ଆଇଫିଲ୍ ଟାୱାରଟି ଅନେକାଂଶରେ ମୁଖ୍ୟ ଅଇଫିଲ୍ ଟାୱାର ପରି ହିଁ ଦେଖିବାକୁ। ୨୦୦୭ରେ ନିର୍ମିତ ଉକ୍ତ ଟାୱାରର ଉଚ୍ଚତା କିନ୍ତୁ ୬୦ ମିଟର, ଯାହାକି ବାସ୍ତବ ଆଇଫିଲ୍ ଟାୱାର ଉଚ୍ଚତାର ମାତ୍ର ୧/୬ଭାଗ । ହେଲେ ଏହାର ସୌନ୍ଦର୍ଯ୍ୟ ଓ ଆକର୍ଷଣ କୌଣସି ଗୁଣରେ ଆଇଫିଲ୍ ଟାୱାରଠୁ କମ୍ ଲାଗେନା। ଗୋମେଜ ପାଲାସିଓର ଫ୍ରେଞ୍ଚ କହୁଥିବା କମ୍ୟୁନିଟି ଏହାକୁ ଦୁରାଙ୍ଗୋକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ।

**ଚାଇନା, ଶେନଝେନ୍‌ସ୍ଥ ଆଇଫିଲ୍ ଟାୱାର:** ଚାଇନାରେ ମଧ୍ୟ ଅଛି ଆଇଫିଲ୍ ଟାୱାରର ଏକ ପ୍ରତିରୂପ ଢାଞ୍ଚା। ଏହା ଶେନ୍‌ଝେନ ସହରସ୍ଥ ୱାର୍ଲ୍ଡ ଥିମ୍ ପାର୍କରେ ଦେଖିବାକୁ ମିଳେ। ୧୦୮ ମିଟର ଉଚ୍ଚତାବିଶିଷ୍ଟ ଏହି ଟାୱାର ପାଇଁ ଏହି ସହର 'ପ୍ୟାରିସ୍ ଅଫ୍ ଇଷ୍ଟ'ଭାବେ ମଧ୍ୟ ପରିଚିତ। ୧୯୯୩ରେ ଏହାର ନିର୍ମାଣ ହୋଇଥିଲା।


## ଲିନିଂ ଟାୱାର ଅଫ୍ ପିସା

ପ୍ରାୟ ୪ ଡିଗ୍ରୀ ଢଳି ରହିଥିବା ଇଟାଲୀର ଲିନିଂ ଟାୱାର ଅଫ୍ ପିସା ସବୁବେଳେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ରହିଆସିଛି। ଏହା ହେଉଛି ପିସା କ୍ୟାଥେଡ୍ରାଲର ବେଲ୍ ଟାୱାର। ୫୫.୮୬ ମିଟର (୧୮୩ ଫୁଟ୍ ୩ ଇଞ୍ଚ) ଉଚ୍ଚତାବିଶିଷ୍ଟ ଏହି ଟାୱାରର ନିର୍ମାଣ ଦ୍ୱାଦଶ ଶତାବ୍ଦୀରେ ଆରମ୍ଭ ହୋଇଥିଲା। ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ହିଁ ନରମ ମାଟି ଲାଗି ଏହା ଢଳିବା ଆରମ୍ଭ କରିଥିଲା। ଆଉ ନିର୍ମାଣ ସରିବା ତଥା ଚତୁର୍ଦ୍ଦଶ ଶତାବ୍ଦୀବେଳକୁ ଟାୱାରର ଭାର ସମ୍ଭାଳି ନ ପାରି ଏହାର ମୁଳଦୁଆର ସ୍ଥିତି ଅଧିକ ବିଗିଡିବାକୁ ଲାଗିଲା। ୧୯୯୦ରେ ତ ଏହା ୫.୫ ଡିଗ୍ରୀ ଢଳିଯାଇଥିଲା। ପରେ ଏଥିରେ କିଛି ମରାମତି କାର୍ଯ୍ୟ କରି ଢଳିବା କମାଇ ୩.୯୭ଡିଗ୍ରୀ ପର୍ଯ୍ୟନ୍ତ କରାଗଲା। ଏହି ଅଦ୍ଭୁତ ସ୍ଥାପତ୍ୟର ମଧ୍ୟ ନକଲ କରାଯାଇଛି। ତାହା ହେଲା–

**ଲିନିଂ ଟାୱାର ଅଫ୍ ନାଇଲ୍ସ:** ଆମେରିକା, ଇଲିନୋଏସ୍‌ସ୍ଥ ନାଇଲ୍ସରେ ଅଛି ଲିନିଂ ଟାୱାର ଅଫ୍ ପିସାର ନକଲ ବା ପ୍ରତିରୂପ ସ୍ଥାପତ୍ୟ। ଏହା 'ଲିନିଂ ଟାୱାର ଅଫ୍ ନାଇଲ୍ସ' ଭାବେ ପରିଚିତ। ତେବେ ଏହାର ଆକାର ଲିନିଂ ଟାୱାର ଅଫ୍ ପିସାଠାରୁ ଅଧା। ୧୯୩୪ରେ ଏହାର ନିର୍ମାଣ ସରିଥିଲା। ଅନେକେ କୁହନ୍ତି, ଲିନିଂ ଟାୱାର ଅଫ୍ ପିସାର ୬୦୦ତମ ବାର୍ଷିକୀ ଉତ୍ସବ ପାଳନ ଅବସରରେ ଏହାକୁ ନିର୍ମାଣ କରାଯାଇଥିଲା।



ଲିନିଂ ଟାୱାର ଅଫ୍ ପିସା, ଇଟାଲି



ଲିନିଂ ଟାୱାର ଅଫ୍ ନାଇଲ୍ସ

## ଷ୍ଟାଚ୍ୟୁ ଅଫ୍ ଲିବର୍ଟି

ରୋମର ଲିବର୍ଟି ଗଡେସ୍ ବା ସ୍ୱତନ୍ତ୍ରତାର ଦେବୀ ଲିବର୍ଟାସ୍ ଡାହାଣ ହାତରେ ଏକ ଟର୍ଚ୍ଚକୁ ମୁଣ୍ଡ ଉପରକୁ ଟେକି ଧରିଥିବା ଏଇ ପ୍ରତିମୂର୍ତ୍ତି ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଭାବେ ବେଶ୍ ପରିଚିତ। ଏହା ଆମେରିକା, ନ୍ୟୁୟର୍କସ୍ଥ ଲିବର୍ଟି ଆଇଲାଣ୍ଡରେ ରହିଛି। କପର ଧାତୁରେ ନିର୍ମିତ ଉକ୍ତ ପ୍ରତିମୂର୍ତ୍ତିକୁ ଫ୍ରାନ୍ସବାସୀ ଆମେରିକାକୁ ଉପହାରସ୍ୱରୂପ ପ୍ରଦାନ କରିଥିଲେ। ଫ୍ରାନ୍ସର ସ୍ଥପତି ଫ୍ରେଡ୍ରିକ ଅଗସ୍ତ ବାର୍ଥୋଲ୍ଡି ଏହାକୁ ଡିଜାଇନ୍ କରିଥିଲେ। ୧୮୮୬, ଅକ୍ଟୋବର ୨୮ରେ ଏହାକୁ ଲୋକାର୍ପଣ କରାଯାଇଥିଲା। ୧୫୧ ଫୁଟ୍ ୧ ଇଞ୍ଚ ଉଚ୍ଚତାବିଶିଷ୍ଟ ଉକ୍ତ ପ୍ରତିମୂର୍ତ୍ତି ସାରା ବିଶ୍ୱରେ ବେଶ୍ ପରିଚିତ। ତେଣୁ ଏହିଭଳି ପ୍ରତିମୂର୍ତ୍ତି ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ କରାଯାଇଛି।

**ନରୱେର ଭିସନେସ୍‌ରେ ଥିବା ଷ୍ଟାଚ୍ୟୁ ଅଫ୍ ଲିବର୍ଟି:** ଦେଖିବାକୁ ଅବିକଳ ନ୍ୟୁୟର୍କସ୍ଥ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ପରି। ହେଲେ ଫରକ ଏତିକି ଯେ, ଏହାର ଉଚ୍ଚତା ମାତ୍ର ୪ ମିଟର। ରଗାଲାଣ୍ଡ କାଉଣ୍ଟିସ୍ଥ କରମୋୟ ଦ୍ୱୀପରେ ଥିବା ଭିସନେସ୍ ନାମକ ଛୋଟିଆ ଗ୍ରାମରେ ଅଛି ଏହି ପ୍ରତିମୂର୍ତ୍ତି। ଆକାରରେ ଛୋଟ ହେଲେ ବି ଷ୍ଟାଚ୍ୟୁ ଅଫ୍ ଲିବର୍ଟି ସହ ଏହାର ଥିବା ସାମଞ୍ଜସ୍ୟ ଲାଗି ଏହା ପର୍ଯ୍ୟଟକଙ୍କ ଆକର୍ଷଣ ସାଜି ଆସିଛି।

**ଜାପାନର ଟୋକିଓରେ ଥିବା ଷ୍ଟାଚ୍ୟୁ ଅଫ୍ ଲିବର୍ଟି:** ଜାପାନର ଫ୍ରାନ୍ସ ସହ ଚୁକ୍ତି ହେବାପରେ ୧୯୯୮ରେ ଫ୍ରାନ୍ସ ଜାପାନକୁ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ପରି



ମକାଉ, ଚାଇନାସ୍ଥ କଲୋଜିୟମ୍




କଲୋଜିୟମ୍, ରୋମ୍




ଲସ୍ ଭେଗାସ୍ କଲୋଜିୟମ୍



ପର୍ତ୍ତୁଗାଲର 'କ୍ରିଷ୍ଟ ଦ କିଙ୍ଗ'



'କ୍ରିଷ୍ଟ ଦ ରିଡିମର୍', ବ୍ରାଜିଲ



ଅଙ୍ଗୋଲାର 'କ୍ରିଷ୍ଟ ଦ କିଙ୍ଗ'

ଏକ ପ୍ରତିମୂର୍ତ୍ତି ଉପହାର ସ୍ୱରୂପ ପ୍ରଦାନ କରିଥିଲା। ପ୍ରଥମେ ଏହାକୁ ଅସ୍ଥାୟୀଭାବେ ଜାପାନର ଓଡେବାରେ ସ୍ଥାପନ କରାଯାଇଥିଲା। ହେଲେ ଏହା ଏତେ ଲୋକପ୍ରିୟ ହୋଇଗଲା ଯେ ୨୦୦୦ ମସିହାରେ ତାକୁ ସ୍ଥାୟୀଭାବେ ସ୍ଥାପନ କରାଗଲା। ଏହାର ଉଚ୍ଚତା ୪୦ ଫୁଟ୍, ଯାହାକି ନ୍ୟୁୟର୍କସ୍ଥ ଷ୍ଟାଚ୍ୟୁ ଅଫ୍ ଲିବର୍ଟିର ୧/୭ ଭାଗ ।

**ଫ୍ରାନ୍ସର କୋଲମାରରେ ଥିବା ଷ୍ଟାଚ୍ୟୁ ଅଫ୍ ଲିବର୍ଟି:** ନ୍ୟୁୟର୍କସ୍ଥ ମୁଖ୍ୟ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ନିର୍ମାଣ କରିଥିବା ସ୍ଥପତି ଫ୍ରେଡ୍ରିକ ଅଗସ୍ତ ବାର୍ଥୋଲ୍ଡିଙ୍କ ୧୦୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ୨୦୦୪ରେ ତାଙ୍କ ଜନ୍ମସ୍ଥାନ ଫ୍ରାନ୍ସର କୋଲମାରରେ ୧୨ ମିଟର ଉଚ୍ଚତାବିଶିଷ୍ଟ ଏହି ଷ୍ଟାଚ୍ୟୁ ଅଫ୍ ଲିବର୍ଟି ନିର୍ମାଣ କରାଯାଇଥିଲା।

## କ୍ରିଷ୍ଟ ଦ ରିଡିମର୍

କାର୍ନିଭାଲ ସିଟି ବା ଆନନ୍ଦୋତ୍ସବର ସହର ଭାବେ ପରିଚିତ ବ୍ରାଜିଲର ରିଓ ଡି ଜେନିରୋରେ ଅଛି ଦୁଇ ବାହୁକୁ ପ୍ରସାରିତ କରି ଦଣ୍ଡାୟମାନ ହୋଇଥିବା ବିଶ୍ୱ ପ୍ରସିଦ୍ଧ କ୍ରିଷ୍ଟ ଦ ରିଡିମର୍ ପ୍ରତିମୂର୍ତ୍ତି। ଏହା ମଧ୍ୟ ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ। ୩୮ ମିଟର ଉଚ୍ଚତାବିଶିଷ୍ଟ ଯିଶୁଖ୍ରୀଷ୍ଟଙ୍କର ଏହି ପ୍ରତମୂର୍ତ୍ତି ଖ୍ରୀଷ୍ଟଧର୍ମକୁ ଦର୍ଶାଇଥାଏ। ୧୯୩୧ ମସିହାଠାରୁ ପ୍ରତିମୂର୍ତ୍ତିଟି ଏହିଠାରେ ରହିଛି। ଉକ୍ତ ପ୍ରତିମୂର୍ତ୍ତି ଏତେ ପ୍ରସିଦ୍ଧ ଯେ, ସେହିଭଳି ମୂର୍ତ୍ତି ଆହୁରି ଅନେକ ସ୍ଥାନରେ ସ୍ଥାପନ କରାଯାଇଛି। ଯେମିତିକି–

**ପର୍ତ୍ତୁଗାଲର ଲିସବନ୍‌ର କ୍ରିଷ୍ଟ ଦ କିଙ୍ଗ:** ୨୫ ମିଟର ଉଚ୍ଚତାବିଶିଷ୍ଟ ଏହି ପ୍ରତିମୂର୍ତ୍ତିରେ ମଧ୍ୟ ଯିଶୁଖ୍ରୀଷ୍ଟ ଦୁଇ ବାହୁକୁ ପ୍ରସାରିତ କରି ଠିଆ ହୋଇଥିବା ଦେଖିବାକୁ ମିଳନ୍ତି। ଲାଗେ ଯେମିତି ପୂରା ସହର ଉପରେ ସେ ତାଙ୍କର ଆଶିଷ ଢାଳି ଦେଉଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତାରୁ ସହର ରକ୍ଷା ପାଇଥିବାରୁ ଏକ ଧାର୍ମିକ କୃତଜ୍ଞତା ଜ୍ଞାପନ ସ୍ୱରୂପ ଏହାର ନିର୍ମାଣ ହୋଇଥିଲା। ସମୁଦ୍ରପତନଠାରୁ ୧୩୩ ମିଟର ଉଚ୍ଚତାରେ ଏକ ଉଚ୍ଚ ପାହାଡ଼ ଶିଖରରେ ଏହାକୁ ସ୍ଥାପନ କରାଯାଇଛି। ଏହାକୁ ଏଭଳି ଭାବେ ସ୍ଥାପନ କରାଯାଇଛି ଯେ, ଲାଗେ ସତେ ଯେମିତି ଯିଶୁଖ୍ରୀଷ୍ଟ ଟାଗସ୍ ନଦୀକୁ ଦେଖୁଛନ୍ତି।

**ଅଙ୍ଗୋଲାର ଲୁବାଙ୍ଗୋସ୍ଥ କ୍ରିଷ୍ଟ ଦ କିଙ୍ଗ:** କ୍ରିଷ୍ଟ ଦ ରିଡିମର୍ ପ୍ରତିମୂର୍ତ୍ତି ପରି ଅବିକଳ ଏକ ପ୍ରତିମୂର୍ତ୍ତି ଅଙ୍ଗୋଲାର ଦକ୍ଷିଣରେ ଥିବା ଲୁବାଙ୍ଗୋରେ ବି ଅଛି। ଏହି ପ୍ରତିମୂର୍ତ୍ତି 'କ୍ରିଷ୍ଟ ଦ କିଙ୍ଗ' ଭାବେ ପରିଚିତ। ୩୦ ମିଟର ଉଚ୍ଚତାବିଶିଷ୍ଟ ଧଳା ମାର୍ବଲରେ ତିଆରି ଉକ୍ତ ପ୍ରତିମୂର୍ତ୍ତି ୧୯୫୭ରେ ସମୁଦ୍ର ପତନଠାରୁ ୧୩୦ ମିଟର ଉଚ୍ଚତାରେ ଏକ ବିରାଟକାୟ ସିମେଣ୍ଟ, ଇଟା ପଥରରେ ତିଆରି ମୂଳଦୁଆ ଉପରେ ସ୍ଥାପନ କରାଯାଇଛି। ଏହି ମୂଳଦୁଆଟି ଦୁଇଟି ଉଚ୍ଚା ପିଲର୍‌ର ସପୋର୍ଟ ଦ୍ୱାରା ଦଣ୍ଡାୟମାନ ଅଛି।

## କଲୋଜିୟମ୍

୨୦୦୦ ବର୍ଷ ତଳେ ରୋମରେ ଅଣ୍ଡାକୃତିର ଏକ ଆମ୍ଫିଥିଏଟର ବା କଲୋଜିୟମ(ବୃତ୍ତାକାରରେ ଧାଡି ଧାଡି ହୋଇ ବସିବା ପାଇଁ ଜାଗା ଥିବା ଛାତ ବିହୀନ କୋଠା, ଯାହା ମଝିରେ ଥିବା ଏକ ଉନ୍ମୁକ୍ତ ସ୍ଥାନରେ ଖେଳ, କସରତ ବା ନାଟକ ପ୍ରଦର୍ଶିତ ହେଉଥିଲା) ନିର୍ମାଣ କରାଯାଇଥିଲା। ଏହା ଫ୍ଲାଭିଆନ ଆମ୍ଫିଥିଏଟର୍ ଭାବେ ମଧ୍ୟ ପରିଚିତ। କାରଣ ରୋମ୍‌ର ଫ୍ଲାଭିଆନ ରାଜବଂଶର ସାମ୍ରାଟ ଭେସ୍ପାସିୟନଙ୍କ ଦ୍ୱାରା ଉକ୍ତ ବିଶାଳ ଆମ୍ଫିଥିଏଟର୍ ନିର୍ମିତ ହୋଇଥିଲା। ରୋମ ସାମ୍ରାଜ୍ୟର ଏହା ଥିଲା ସବୁଠୁ ବଡ଼ ଏଲିପ୍ଟିକାଲ ବା ଅଣ୍ଡାକାର ଆମ୍ଫିଥିଏଟର୍। ଏହାକୁ ରୋମ ସ୍ଥାପତ୍ୟର ଏକ ଉତ୍କୃଷ୍ଟ ନମୁନାଭାବେ ଗଣନା କରାଯାଏ। ୭୦-୭୨ ଖ୍ରୀଷ୍ଟାବ୍ଦ ମଧ୍ୟଭାଗରେ ଏହାର ନିର୍ମାଣ ଆରମ୍ଭ ହୋଇଥିଲା। ୮୦ ଖ୍ରୀଷ୍ଟାବ୍ଦରେ ସମ୍ରାଟ ଟାଇଟସ୍‌ଙ୍କଦ୍ୱାରା ସମ୍ପୂର୍ଣ୍ଣ ହୋଇଥିଲା। ଅଣ୍ଡାକାରର ଏହି କଲୋଜିୟମ୍‌ରେ ୫୦,୦୦୦ ଦର୍ଶକଙ୍କ ପାଇଁ ବସିବା ସୁବିଧା ସହ ମୋଟ ୮୦,୦୦୦ ଦର୍ଶକ ରହିପାରୁଥିଲେ। ମନୋରଞ୍ଜନ ପାଇଁ ଏଠାରେ ଯୋଦ୍ଧାଙ୍କର ମରଣାନ୍ତକ ଲଢ଼େଇ ହେଉଥିଲା। ଏଠି ମଣିଷ ହିଂସ୍ର ପ୍ରାଣୀଙ୍କ ସହ ବି ଲଢୁଥିଲେ। କୁହାଯାଏ ଏଠାରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ମଣିଷ ଓ ୫ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରାଣୀଙ୍କ ଜୀବନ ଯାଇଛି। ପୌରାଣିକ କଥାବସ୍ତୁକୁ ନେଇ ନାଟକ ବି ଏଠାରେ ଆୟୋଜନ ହେଉଥିଲା। ତେବେ ଭୂମିକମ୍ପ ଓ ପଥର ଚୋରି ଲାଗି ଏବେ ଏହା ଭଗ୍ନସ୍ତୂପରେ ପରିଣତ ହୋଇଯାଇଛି। କିନ୍ତୁ ଏହା ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଗୋଟିଏ। ରୋମ ସାମ୍ରାଜ୍ୟର ବୈଭବକୁ ଦର୍ଶାଉଥିବା ଏହି କଲୋଜିୟମ ପରି ସ୍ଥାପତ୍ୟ ବି ଅନେକ ସ୍ଥାନରେ ନିର୍ମାଣ କରାଯାଇଛି। ଯେମିତିକି–

**ଆମେରିକାର ନେଭାଡାସ୍ଥ ଲାସ୍‌ଭେଗାସ କଲୋଜିୟମ୍:** ଲାସ୍‌ଭେଗାସ୍‌ସ୍ଥ କୈସାର୍ସ ପାଲେସ୍‌ରେ ଏହି କଲୋଜିୟମ୍ ବା ଥିଏଟର ଅଛି। ଏହି ଥିଏଟରରେ ୪୧୦୦ ସିଟିଂ କାପାସିଟି ଅଛି। ରୋମ କଲୋଜିୟମଠାରୁ ପ୍ରେରଣା ପାଇ ଏହାକୁ ତିଆରି କରାଯାଇଛି। ଏଥିରେ ୧୦୮ ମିଲିୟନ ଡଲାର ଖର୍ଚ୍ଚ ହୋଇଛି।

**ଚାଇନାର ମାକାଉସ୍ଥ କଲୋଜିୟମ୍:** ପୃଥିବୀର ପ୍ରାୟ ସବୁ ପ୍ରସିଦ୍ଧ ସ୍ଥାପତ୍ୟର ନକଲ ଚାଇନାରେ ହୋଇଛି। ସେଥିମଧ୍ୟରେ କୋଲୋସିୟମ୍ ବି ଅନ୍ତର୍ଭୁକ୍ତ। ମକାଉରେ ଅଛି କଲୋଜିୟମ୍ ପରି ଏକ ସ୍ଥାପତ୍ୟ। ତେବେ ଏହି କଲୋଜିୟମ୍‌ରେ ୨୦୦୦ ଦର୍ଶକଙ୍କ ପାଇଁ ସିଟ୍ ବ୍ୟବସ୍ଥା ଅଛି। ଏହାର ଆକାର ବି ଅଣ୍ଡାକୃତି।

## ଦ ଗ୍ରେଟ୍ ସ୍ଫିଙ୍କ୍ସ୍ ଅଫ୍ ଗିଜା

ମଣିଷର ମୁଣ୍ଡ ଓ ସିଂହର ଶରୀର ଥିବା ଗ୍ରେଟ୍ ସ୍ଫିଙ୍କ୍ସ ଅଫ୍ ଗିଜା ପ୍ରତିମୂର୍ତ୍ତି ସାରା ବିଶ୍ୱର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ବହୁ ପୁରାତନ ଏହି ବିରାଟକାୟ ପ୍ରତିମୂର୍ତ୍ତି ଗୋଟିଏ ଲାଇମ୍‌ଷ୍ଟୋନକୁ ଖୋଦେଇ କରି ନିର୍ମାଣ କରାଯାଇଛି। ଇଜିପ୍ଟ, ଗିଜାସ୍ଥ ନୀଳନଦୀ କୂଳରେ ଗିଜା ମାଳଭୂମିରେ ଏହା ରହିଛି। ଏହାର ପଛଭାଗରେ ଅଛି ବିରାଟକାୟ ପିରାମିଡ। ଖ୍ରୀପୂ ୨୫୦୦ରେ ଏହା ଫାରୋ ଖଫ୍ରେଙ୍କ ପାଇଁ ନିର୍ମିତ ହୋଇଥିବା କୁହାଯାଏ। ପଞ୍ଝାରୁ ଲାଞ୍ଜ ପର୍ଯ୍ୟନ୍ତ ଏହାର ଲମ୍ବ ୨୪୦ ଫୁଟ୍ ଏବଂ ଭୂମିରୁ ଏହାର ଉଚ୍ଚତା ୬୬ ଫୁଟ୍। ସ୍ଫିଙ୍କ୍ସ୍‌ର ଚେହେରା ଫାରୋ ଖଫ୍ରେଙ୍କୁ ଦର୍ଶାଇଥାଏ। ଏହାର ନାକ କୌଣସି କାରଣରୁ ଭାଙ୍ଗିଯାଇଛି।

**ଚାଇନାର ସିଜିଆଝୁଆଙ୍ଗରେ ଥିବା ସ୍ଫିଙ୍କ୍ସ୍:** ଏହା ଦେଖିବାକୁ ଅବିକଳ ଇଜିପ୍ଟର ଗିଜାରେ ଥିବା ପ୍ରକୃତ ସ୍ଫିଙ୍କ୍ସ୍ ପରି। ଏହା ଆକାର ବି ପାଖାପାଖି ସମାନ। ତେବେ ଏହି ସ୍ଫିଙ୍କ୍ସ୍ କଂକ୍ରିଟ୍‌ରେ ତିଆରି। ଉତ୍ତର ଚାଇନାର ହେବେଇ ପ୍ରାନ୍ତରେ ଥିବା ଏକ ଥିମ୍ ପାର୍କରେ ଏହା ରହିଛି। ତେବେ ଏହି ସ୍ଫିଙ୍କ୍ସ୍‌କୁ ନେଇ ଇଜିପ୍ଟବାସୀ ଅସନ୍ତୋଷ ପ୍ରକାଶ କରି ୟୁନେସ୍କୋରେ ଅଭିଯୋଗ କରିଥିଲେ। ତେଣୁ ପରେ ଏହାକୁ ନଷ୍ଟ କରିବାକୁ ପଡ଼ିଲା।

## ମାଉଣ୍ଟ ରଶ୍‌ମୋର

ଚାରିଜଣ ପୂର୍ବତନ ଆମେରିକୀୟ ରାଷ୍ଟ୍ରପତିଙ୍କ ଚେହେରାକୁ ଆମେରିକା ସାଉଥ ଡକୋଟାସ୍ଥ ମାଉଣ୍ଟ ରଶ୍‌ମୋରର ଗ୍ରାନାଇଟ୍ ପଥରରେ ଖୋଦେଇ ହୋଇ ଏକ ଭିନ୍ନ ଧରଣର ସ୍ଥାପତ୍ୟ ଗଢାଯାଇଛି। ୬୦ ଫୁଟ୍‌ର ଏହି ସ୍ଥାପତ୍ୟରେ ଦେଖିବାକୁ ମିଳେ ପୂର୍ବତନ ରାଷ୍ଟ୍ରପତି ଜର୍ଜ ୱାଶିଂଟନ, ଥୋମାସ ଜେଫରସନ୍, ଥିଓଡର ରୁଜ୍‌ଭେଲ୍ଟ ଓ ଆବ୍ରାହମ ଲିଙ୍କନଙ୍କ ଚେହେରା। ଏହା ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ। ଆଉ ଏହାର ନକଲ ମଧ୍ୟ ଚାଇନାରେ ରହିଛି।

**ଚାଇନାର ଚୋଙ୍ଗକିଙ୍ଗରେ ଥିବା ମାଉଣ୍ଟ ରଶ୍‌ମୋର ସ୍ଥାପତ୍ୟ:** ଚାଇନା, ଚୋଙ୍ଗକିଙ୍ଗସ୍ଥ ଏକ ପାର୍କରେ ମାଉଣ୍ଟ ରଶମୋରର ଏକ ଅବିକଳ ନକଲ ୧୯୩୭ରୁ ୧୯୪୫ ପର୍ଯ୍ୟନ୍ତ ଦେଖିବାକୁ ମିଳୁଥିଲା। ଏହି ସମୟ ମଧ୍ୟରେ ଚାଇନାର ଜାପାନ ସହ ଚାଲିଥିଲା ଘମାଘୋଟ ଯୁଦ୍ଧ। ଏହି ଯୁଦ୍ଧରେ ଆମେରିକା ଚାଇନାକୁ ସାହାଯ୍ୟ କରିଥିଲା। ଫଳରେ ଜାପାନ ହାରିଥିଲା। ତେଣୁ ଆମେରିକା ସମ୍ମାନରେ ଚାଇନାରେ ଏକ ପାର୍କ ତିଆରି କରାଯାଇ ତା' ଭିତରେ ମାଉଣ୍ଟ ରଶ୍‌ମୋରର ଏକ ନକଲ ସ୍ଥାପତ୍ୟ ନିର୍ମାଣ କରାଯାଇଥିଲା।

ଏଇଥିରୁ ପ୍ରମାଣିତ ହୁଏ ଯେ, ଅସଲିର ସ୍ଥାନ କେବେ ତା'ର ନକଲ ନେଇ ପାରେନା। ତେବେ ତାହା ଯେତେ ଅବିକଳ ହେଉପଛେ।

–ଶିବାନୀ ମହାନ୍ତି



ଆଇଫିଲ ଟାୱାର, ଫ୍ରାନ୍ସ

ଆଇଫିଲ ଟାୱାର, ଚାଇନା


ଆଇଫିଲ ଟାୱାର, ମେକ୍ସିକୋ

# ନିର୍ଦ୍ଦେଶନା ସମୟରେ ଅନୁଭବ କରିଛି ମହାପ୍ରଭୁଙ୍କ ଅଦୃଶ୍ୟ ଇଙ୍ଗିତ














ଅଭିନୟ, ନାଟକ ରଚନା, ନିର୍ଦ୍ଦେଶନା, ନାଟ୍ୟ ପ୍ରଶିକ୍ଷଣ, ମଞ୍ଚପରିଚାଳନା ଏବଂ ଗବେଷଣା ଆଦି କ୍ଷେତ୍ରରେ ତାଙ୍କର ରହିଛି ସ୍ୱତନ୍ତ୍ର ଦକ୍ଷତା ଓ ଯୋଗ୍ୟତା। ପ୍ରାୟ ୪ ଦଶନ୍ଧି ମଧ୍ୟରେ ଯାତ୍ରା, ଥିଏଟର, ଟିଭି ଧାରାବାହିକ ଓ ଚଳଚ୍ଚିତ୍ର ଆଦି ବିଭିନ୍ନ କ୍ଷେତ୍ରରେ ସେ ଅଭିନୟ କରି ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ବିଭିନ୍ନ ଅନୁଷ୍ଠାନ ସମେତ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କୁ ମିଳିଛି ପୁରସ୍କାର ଓ ସମ୍ମାନ। ସେ ହେଲେ ନବୀନ ପରିଡ଼ା। ଜନ୍ମ ୧୯୫୪ ମାର୍ଚ୍ଚ ୮ ତାରିଖରେ। ପିତାଙ୍କ ନାମ ହରିଶ୍ଚନ୍ଦ୍ର ପରିଡ଼ା, ମାତା ବିଷ୍ଣୁପ୍ରିୟା ପରିଡ଼ା। ଘର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ଜମାଳପୁର ଗାଁରେ। ସେ କୁହନ୍ତି, ମୋ ସ୍କୁଲ ବୟସରୁ ହିଁ ନାଟକ ପ୍ରତି ଆଗ୍ରହ ଥିଲି, ମାତ୍ର ବାପା ଚାହୁଁ ନ ଥିଲେ। କାରଣ ପରିବାର ଆଭିଜାତ୍ୟର ଅହଂକାର ରହୁଥିଲା। ମୋର ପାଠପଢ଼ା ଆରମ୍ଭ ହୋଇଥିଲା ବିଶ୍ୱନାଥ ଉ.ପ୍ରା. ସ୍କୁଲରୁ। ମାତ୍ର ସମୟକ୍ରମେ ନାଟକ (ପ୍ରଦର୍ଶନକଳା)ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ନାଟ୍ୟ ରଚନା, ନିର୍ଦ୍ଦେଶନା, ନାଟ୍ୟପ୍ରଶିକ୍ଷକ, ଅଭିନେତା ତଥା ମଞ୍ଚ ପରିଚାଳନା ଆଦି କ୍ଷେତ୍ରରେ ପ୍ରାୟ ୪୦ବର୍ଷ ଧରି କାର୍ଯ୍ୟରତ। ୧୯୮୩ ଜାନୁୟାରୀରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ନାଟକ ବିଭାଗରେ ଅଧ୍ୟାପକ ଭାବେ ଯୋଗଦେଲି। ୨୦୦୭ରେ ବିଭାଗୀୟ ମୁଖ୍ୟ ଓ ୨୦୧୦ରେ ଏଠାରେ ଅଧ୍ୟକ୍ଷ ଭାବେ ଯୋଗଦାନ କରି ୨୦୧୨ମାର୍ଚ୍ଚ ଶେଷରେ ସେବାନିବୃତ୍ତ ହୋଇଛି। କିନ୍ତୁ ୧୯୮୬ରୁ ଅଦ୍ୟାବଧି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପ୍ରାୟୋଜିତ ୬ଗୋଟି ରାଜ୍ୟସ୍ତରୀୟ ନାଟ୍ୟ କର୍ମଶାଳାରେ ପରିଚାଳନା କରିଛି। ଏମିତିରେ ନାଟ୍ୟ କଳାକ୍ଷେତ୍ରରେ ଦୀର୍ଘ ୩୦ ବର୍ଷଧରି ଓଡ଼ିଶାର ବିଭିନ୍ନ ଅଞ୍ଚଳର ଶତାଧିକ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇସାରିଛି। ଏଯାଏ ନାଟକ ମଧ୍ୟରେ– ମୁଦ୍ରାରାକ୍ଷସ, ତଟ ନିରଞ୍ଜନା, ଇଡଫସ୍, ଶ୍ରୀ ଜୟଦେବ, ନାଟୁଆ, କଲେଯେତେ ହୁନ୍ଦର, ଚିହ୍ନା ପୃଥିବୀ ଅଚିହ୍ନା ଘର, ଜନନୀ ଜନ୍ମଭୂମିଶ୍ଚ, ଶଙ୍କରା, ବାଇଚଢ଼େଇର ଡେଣା, ଅନ୍ଧପୁତୁଳିର ଖେଳ ଆଦି ପ୍ରାୟ ୭୦ଟି ଓଡ଼ିଆ ନାଟକରେ ନିର୍ଦ୍ଦେଶନା ଦେଇସାରିଲିଣି। ସେହିପରି ନାଟ୍ୟତ୍ରୟୀ, ନାଟୁଆ ଓ ଅନ୍ୟାନ୍ୟ ନାଟକ, ଅନ୍ଧପୁତୁଳିର ଖେଳ, କଲେଯେତେ ହୁନ୍ଦର, ଡଷ୍ଟବିନ୍, ଅଭିନେତା ଚରିତ୍ର ଓ ଅଭିନୟ, ନାଟ୍ୟପ୍ରବନ୍ଧ, ନିର୍ଦ୍ଦେଶକ ଓ ନିର୍ଦ୍ଦେଶନା, ନାଟ୍ୟ ରଚନା ଆଦି କେତେକ ପୁସ୍ତକ ରଚନା କରିଛି। ୨୦୨୦ମାର୍ଚ୍ଚ ୨୩ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ନାଟକ 'ଗାନ୍ଧୀଙ୍କ ଓଡ଼ିଶା'ର ପ୍ରଯୋଜନା ଓ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲି। ଏହି ନାଟକରେ ଗାନ୍ଧୀ ଭୂମିକାରେ ଅଭିନୟ କରିଥିଲି। ଦୂରଦର୍ଶନରେ ଓଡ଼ିଆ ଧାରାବାହିକ ଟିକେ ଖରା ଟିକେ ଛାଇ ପାଇଁ ନିର୍ଦ୍ଦେଶନା, ଚତୁର ବିନୋଦ କଥା ପାଇଁ ସଂଳାପ ଲେଖିଛି। ଏମିତି ପ୍ରାୟ ୭ଟି ଧାରାବାହିକରେ ଅଭିନୟ କରିଛି। ଦୁଇଟି ଟେଲି ଫିଲ୍ମ– ଗାନ୍ଧୀ ଆସୁଛନ୍ତି ୨୦୧୯ରେ ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ, ୨୦୨୦ରେ ଏଇଠୁ ଆରମ୍ଭରେ ଗାନ୍ଧୀ ଭୂମିକାରେ ଅଭିନୟ କରିଛି। ଗୋଟାଏ ଅନୁଭବ କଥା କହୁଛି– କାଳିଚରଣ ପଟ୍ଟନାୟକଙ୍କ ରଚିତ ନାଟକ 'ଜୟଦେବ'ର ନିର୍ଦ୍ଦେଶନା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ମୋତେ ଦାୟିତ୍ୱ ଦିଆଯାଇ ଥାଏ, କିନ୍ତୁ ନାଟକଟିକୁ ବାରମ୍ବାର ପଢ଼ିଲା ପରେ ବି ତା'ର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ମୁଁ କିଛି କୂଳକିନାରା ପାଉ ନ ଥାଏ। ହଠାତ୍ ଦିନେ ମନକୁ ଆସିଲା ପୁରୀଯାଇ ମହାପ୍ରଭୁ ଜଗନ୍ନାଥଙ୍କୁ ମୋର ଦୁଃଖ କହିବି । ହେଲେ ରଥଯାତ୍ରା ପରଦିନ ସକାଳୁ ସକାଳୁ ପୁରୀକୁ ବାହାରିଲି, ଉଦ୍ଦେଶ୍ୟଥିଲା ରଥରେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନକରି ଗୁହାରି ଜଣାଇବି। କିନ୍ତୁ ପୁରୀରେ ପହଞ୍ଚି ଦେଖିଲି ପ୍ରଭୁ ରଥରେ ନାହାନ୍ତି, ଗୁଣ୍ଡିଚା ମନ୍ଦିରକୁ ଚାଲିଗଲେଣି। ରଥ ସମ୍ମୁଖରେ ବଡ଼ଦାଣ୍ଡରେ ନାଟକର ପାଣ୍ଡୁଲିପିକୁ ଥୋଇଦେଇ ଲମ୍ବହୋଇ ପଡ଼ିଗଲି। ଆଖିରେ ଲୁହ, ମନରେ କୋହ ଡାକିଲି ପ୍ରଭୁ ହେ ନିଜର ଲୀଳା ନିଜେ ବଖାଣି ଦିଅ ! ମୋତେ କିଆଁ ମଝିରେ କଲବଲ କରି ଲୋକହସା କରିବ । ମୋତେ ଏ ଅପବାଦରୁ ଉଦ୍ଧାର କର ମହାବାହୁ। ତା'ପରେ କଲେଜ ଫେରିଲି, ରିହର୍ସାଲରେ ପହଞ୍ଚି ନାଟକବହିକୁ ମୁଣ୍ଡରେ ମାରି ଆରମ୍ଭ କରିବାକୁ ପୃଷ୍ଠା ଓଲଟାଇଲି ତ ଅନୁଭବ କଲି କିଏ ଯେମିତି ମୋ କାନରେ କହିଦେଉଛି ଏୟାକର,ଏମିତିକର, ତା'ପରକଥା ନ କହିଲେ ଭଲ, କାରଣ ତାହା କେବଳ ଅନୁଭବ କରିହେବ, କହିହେବ ନାହିଁ କି ବୁଝେଇ ହେବ ନାହିଁ। ଅନନ୍ତ ମହାପାତ୍ରଙ୍କର ନିର୍ଦ୍ଦେଶିତ ନାଟକ 'ଭଞ୍ଜକବି'ରେ ଉତ୍କଳର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଚରିତ୍ରରେ ଅଭିନୟ କରିବାର ସୁଯୋଗ ପାଇଛି। ପୁରସ୍କାର ଭାବେ ନାଟୁଆ ନାଟକ ରଚନା ପାଇଁ ୨୦୧୫ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୨୦ରେ ବ୍ୟାସକବି ଫକୀର ମୋହନ ସମ୍ମାନ, ୨୦୧୨ରେ ମନନ ସମ୍ମାନ, ନାଟ୍ୟ ପରବ ସମ୍ମାନ, ୨୦୧୩ରେ କୁମାର ଉତ୍ସବ ସମ୍ମାନ, ୨୦୧୭ରେ ଶତାବ୍ଦୀର କଳାକାର ସମ୍ମାନ ପରି ଆହୁରି ଅନେକ ସମ୍ମାନ ମିଳିଛି। କିନ୍ତୁ ନାଟକର ଆଉ କିଛି ତତ୍ତ୍ୱମୂଳକ ପୁସ୍ତକର ରଚନା କରିବା, ଆହୁରି ଅନେକ ନୂତନ ସମ୍ଭାବନାର ନାଟକ ଲେଖିବା, ବିଭିନ୍ନ ସ୍ଥାନରେ ନାଟ୍ୟ କର୍ମଶାଳା କରିବା, ନାଟକ ନିର୍ଦ୍ଦେଶନାକୁ ନେଇ ଆହୁରି କିଛି ନୂତନ ଦିଗନ୍ତର ଆବିଷ୍କାର କରିବା, ସର୍ବୋପରି ବିଭିନ୍ନ ପ୍ରକାର ନାଟକର ବିଭିନ୍ନ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କର ଭଲପାଇବା ଗୋଟେଇବାର ଲକ୍ଷ୍ୟରଖିଛି।

– *ବନବିହାରୀ ବେହେରା*







# ଜାତି

-ଦୀପ୍ତିମୟୀ ଶତପଥୀ

ସାଂଗସାଥି ଯାହାକୁ ବି ଘରକୁ ଆଣିଲେ ବୋଉର ପ୍ରଥମ ପ୍ରଶ୍ନ.. 'ତମର କି ଘର ?'...ଭାରି ଅପଦସ୍ତ ଲାଗେ ପୁଅ ପନ୍ନଗ ଆଉ ଝିଅ ପଲ୍ଲବୀକୁ । ଆଉ କିଛି ପଚାରିବାକୁ ନାହିଁ ବୋଉର ? ଜାତିରୁ କଥା ଆରମ୍ଭ କରି ସବୁ ଅନୁକୂଳ ବିଗିଡେଇଦବ। ଗାଁରେ ଚଳି ଯାଉଥିଲା ଏସବୁ ,ଏମିତି କଥାରେ ସବୁ ଅଭ୍ୟସ୍ତ ବୋଲି । ଏତେବର୍ଷପରେ ସହରରେ ପୁଅବୋହୂଙ୍କ ପାଖରେ ରହି ବି ପଚାରିବାର ଭଙ୍ଗୀଟି ବୋଉର ଗଲାନି । ବୋହୂ କେତେଥର ବିରକ୍ତ ହେଇଚି , ପୁଅ ବୁଝେଇଚି । ଏମିତି କହିଲେ ଲୋକେ ଆମକୁହିଁ ବାସନ୍ଦ କରିଦେବେ । ବୋଉ ବୁଝେନି । ଗାଁ ରେ ସେ ପେଟପୁରା ଖାଇବାକୁ ବାଢ଼ିଦିଏ ସଭିଙ୍କୁ...ସବର୍ଣ୍ଣଙ୍କୁ ଥାଳିରେ, ଅସବର୍ଣ୍ଣଙ୍କୁ ପତ୍ରରେ । ଦେହ ଶିଁଶିରେଇଯାଏ ପନ୍ନଗ ଆଉ ପଲ୍ଲବୀର । ବାପା କୁହନ୍ତି ମୂର୍ଖଟେ, ଆଉ ବଦଳିବନି । ଏବେ ବୋଉକୁ ପଞ୍ଚାଅଶୀ । ପକ୍ଷାଘାତରେ ଗୋଟେ ହାତ, ଗୋଟେ ଗୋଡ ଅଚଳ । ବାପା ପରଲୋକରେ । ପୁଅ ବୋହୂ ଅଫିସ ଗଲେ ଜଣେ ପାଖକୁ ନିହାତି ଦରକାର । ନର୍ସର ବ୍ୟବସ୍ଥା ହେଲା । ଡରଲାଗୁଥିଲା କାଳେ ବୋଉ ଜାତି କଥାରେ ରୁଷିଯିବ । ଯତ୍ନରେ ଝିଅଟି ସବୁ କରୁଥିଲା ବୋଉର । ପୁଅ ଦେଖିଲା ଦିନେ, ବୋଉ ଦୁଇଟି ମିଠାରୁ ଗୋଟେ ଖୁଆଇଦଉଛି ସେଇ ଝିଅ ସେବତୀକୁ। ପୁଣି ଆଉଦିନେ କିଛି ଜାକିଧରିଛି ତା ପାଇଁ । ମୁହଁକୁ ମୁହଁ ଯୋଡି କେତେ ଗପ, ହସ !! ସେବତୀ ଆଉଁସୁଚି, ଘସିଦେଉଚି । ବୋଉ କହୁଚି ... କୋଉ ଜନ୍ମରେ ମୋ ଝିଅ ଥିଲୁ ଲୋ...ପୁଅ ବୋହୂ ଶୁଣୁଛନ୍ତି ଝରକା ସେପାଖରୁ । ମଣିଷ କେତେ ଅସହାୟ ସତରେ !! ବଦଳିବାକୁ ଶିକ୍ଷା ତୁଳନାରେ ବୋଧହୁଏ ପରିସ୍ଥିତି ବେଶି ଦାୟୀ ।

-ବ୍ରହ୍ମପୁର
ମୋ: ୯୪୩୭୧୨୭୫୨୨









# ଅଯୋଗ୍ୟତା

-ଗଜାନନ ମିଶ୍ର



ସକାଳ ପାଉ କି ନ ପାଉ
ଶୁଣିବାକୁ ପାଇବ,
ଯେ ଏମିତି କଲା, ସିଏ ସେମିତି,
ଏଇଟା ଭଲ ନୁହଁ ସେଇଟା ଭଲ,
ଇଏ ନୁହଁ ଭଲ ଲୋକ,
ସିଏ ସେମିତି ଇ ମୂଳରୁ ଏମିତି !
କେମିତି ଜଣା ପଡୁଛି
ଏସବୁ ଏମାନଙ୍କୁ !
କ୍ଷମାକର, ମତେ
ଆଦୁ ଜଣା ନାଇଁ କିଛି !
ଖୋଲାଖୋଲି ଦ୍ୱିଧା ନାଇଁ
ପ୍ରକାଶ କରିବାରେ ନିଜ ଅଯୋଗ୍ୟତା ।

-ତପୋବନ, ଟିଟିଲାଗଡ, ବଲାଙ୍ଗିର
ମୋ:୮୨୪୯୦୮୫୫୦୯

# ହୃଦୟ

-ବିଜୟଲକ୍ଷ୍ମୀ ପାଣିଗ୍ରାହୀ

ହୃଦୟ ତ ଏକ
ଗହୀରି ମନର
ସାଧା କାଗଜର ଫର୍ଦ୍ଦ
ଯହିଁ ଫୁଟୁଥାଏ ସ୍ମୃତିର ପାଖୁଡା
ନିରବ ନିର୍ଲିପ୍ତ ଶବ୍ଦ ।

ହୃଦୟଟା ଏକ
ଶାନ୍ତ ସବୁଜ
ଶୁନ୍ୟତାର ଛାଇ ନଇ ।
ନିର୍ବିକାର ସିଏ
ନିର୍ମୋକ ନିଶ୍ଚଳ
ବହେ ଶବ୍ଦହୀନ ହୋଇ ।

ହୃଦୟ ତ ଏକ
କସ୍ତୁରୀର ମୋହ
ଛଳ ଛଳ ଅନ୍ତରରେ
ସ୍ନିଗ୍ଧ ଶାଶ୍ୱତ
ଚିର ସମ୍ମୋହିତ
ଆଞ୍ଜୁଳେ ଆକାଶ ହସରେ... ।

-ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ: ୮୨୪୯୪୫୦୦୫୦



## ବାପା ରାଜିହେଲେ

ହର୍ଷବର୍ଦ୍ଧନଙ୍କ ଖୁସି କହିଲେ ନ ସରେ। କାରଣ ସେ ଏବେ ବାପା ଅନୀଲ କପୁରଙ୍କ ସହ ଅଭିନୟ କରିଛନ୍ତି। କେବଳ ଅଭିନୟ ନୁହେଁ, ସିନେମାଟିକୁ ଦୁହେଁ ମିଳିତ ଭାବରେ ପ୍ରଯୋଜନା ମଧ୍ୟ କରୁଛନ୍ତି। ଫିଲ୍ମଟିର ଟାଇଟଲ ରହିଛି 'ଏକେ ଭର୍ସେସ ଏକେ'। ଅଲମ୍ପିକ ଗୋଲ୍ଡ ମେଡାଲ ବିଜୟୀ ସୁଟର ଅଭିନବ ବିନ୍ଦ୍ରାଙ୍କ ଜୀବନୀକୁ ନେଇ ଏହାକୁ ନିର୍ମାଣ କରାଯାଇଛି। ଏ ନେଇ ହର୍ଷବର୍ଦ୍ଧନ କହନ୍ତି, 'ଅଭିନବ ବିନ୍ଦ୍ରାଙ୍କ ଜୀବନୀକୁ ନେଇ ଏକ ସିନେମା ତିଆରି କରିବାକୁ ଥରେ ପାପାଙ୍କୁ ପ୍ରପୋଜାଲ୍ ଦେଇଥିଲି। ସେ ଆଗକୁ ଦେଖିବା ବୋଲି କହିଥିଲେ। ହେଲେ ଥରେ ସେ ମୋତେ କହିଲେ ଆମେ ଏ ନେଇ ଆଗେଇବା। ଏଥିରେ ମୁଁ ଟାଇଟଲ ଭୂମିକାରେ ଅଭିନୟ କରଛି। ଖାସ୍ କଥା ହେଲା, ଏହି ଫିଲ୍ମରେ ପାପା ମଧ୍ୟ ମୋ ସହ ଅଭିନୟ କରିଛନ୍ତି। ଏହି ଫିଲ୍ମଟି ଆସନ୍ତା ମାସ ୬ରେ ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ କରିବ।' ଏଥିରେ ସାନା ଫାତିମା ଶେଖ ଏବଂ ସତୀଶ କୌଶିକ ମଧ୍ୟ ଅଭିନୟ କରିଛନ୍ତି।


ଜାହ୍ନବୀ

## ଜାହ୍ନବୀଙ୍କ ବାଇକ୍ ଚଢ଼ା

କେତେବେଳେ କିପରି ଗୁଲି ମାରିଲେ ତାହା ଚର୍ଚ୍ଚାର ଖୋରାକ ଯୋଗାଇଥାଏ ତାହାର କାଇଦା ଜାହ୍ନବୀଙ୍କୁ ମାଲୁମ୍। ନିକଟରେ ଶୁଟିଂ ସେଟ୍‌ରେ ସେ ବାଇକ ଚଢ଼ିବାକୁ ମନ ବଳାଇଲେ। ତା'ପରେ କ'ଣ ହେଲା, ତାହା ତାଙ୍କଠାରୁ ଜାଣିନେବା ଠିକ୍ ହେବ। 'ବର୍ତ୍ତମାନ 'ବାୱାଲ୍' ଫିଲ୍ମର ଶୁଟିଂ ଚାଲୁ ରହିଛି। ଏଥିରେ ବରୁଣଙ୍କୁ ନୂଆ ଅବତାରରେ ଦେଖିବାକୁ ମିଳିବ। ଶୁଟିଂ ସମୟରେ ସେ ଏକ ଦାମୀ ବାଇକ୍ ଚଲାଇବାର ଥିଲା। ବାଇକ୍‌ଟିକୁ ଦେଖି ମୋର ତାହାକୁ ଚଲାଇବାକୁ ଇଚ୍ଛା ହେଲା। ହେଲେ କ'ଣ ହେବ ? ମୁଁ ତ ବାଇକ୍ ଚଲାଇବା ଶିଖିନି। ସାହସ କରି ତା'ଉପରେ ବସିଲି। ହେଲେ ସେହି ହାଇ-ଫାଇ ବାଇକ୍‌କୁ ଦେଖି ସତେ ଯେମିତି ମୋ ହୋସ୍ ଉଡିଗଲା। ସେପଟେ ବରୁଣ ମୋତେ ବାଇକ୍ ଷ୍ଟାର୍ଟ କରିବାକୁ କହୁଥାଆନ୍ତି। ହେଲେ ତାହା ମଧ୍ୟ ହୋଇପାରିଲା ନାହିଁ। ଯାହାହେଉ ପରେ ମୋତେ ବାଇକ୍ ଚଢ଼ିବା ଶିଖାଇ ଦେବାକୁ ବରୁଣ କଥା ଦେଇଛନ୍ତି ବୋଲି କହନ୍ତି ଜାହ୍ନବୀ।' ତେବେ ଜାହ୍ନବୀ କେବେ ବାଇକ ଚଲାଉଛନ୍ତି ତାହା ଦେଖିବାକୁ ବାକି ରହିଲା। ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ସାଜିଦ ନାଦିୱାଦୱାଲା ଏବଂ ନିର୍ଦ୍ଦେଶନା ଦେଉଛନ୍ତି ନିତେଶ ତିୱାରୀ।

## ଡରକୁଳି କ୍ରିତି


କ୍ରିତି

ଭୂତ ଦେଖିଲେ କାହାକୁ ଭୟ ଲାଗେନା କହିଲେ ? ଆଉ ଏଥିରୁ କ୍ରିତି ସାନନ ବାଦ୍ ପଡନ୍ତେ ବା କିପରି। ରୋହିତ ସେଟ୍ଟିଙ୍କ 'ଦିଲୱାଲେ' ଫିଲ୍ମର ଶୁଟିଂ ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଏହି ସମୟରେ କ୍ରିତି ଏକ ହୋଟେଲ୍‌ରେ ରହିଥିଲେ। ଥରେ ସେ କିଛି ମେକ୍‌ଅପ୍ ସାମଗ୍ରୀ ସାଙ୍ଗରେ ନେଇଯାଇଥାଆନ୍ତି। ହୋଟେଲର ଡ୍ରେସିଂ ଟେବୁଲ ଉପରେ ସେ ସେଗୁଡିକୁ ରଖିବା ପରେ ଗୋଟିଏ କିଟ୍ ବାରମ୍ବାର ତଳକୁ ଖସି ପଡିଲା। ତାଙ୍କୁ ଲାଗିଲା କେହି ଜଣେ ବୋଧହୁଏ ମୋ ସହ ଲୁଚକାଳି ଖେଳୁଛି। ଏ ନେଇ କ୍ରିତି କହନ୍ତି, 'ଗୋଟିଏ ମେକଅପ କିଟ୍ ବାରମ୍ବାର ଖସିପଡୁଥାଏ ଏବଂ ମୁଁ ତାକୁ ନେଇ ପୁଣି ଠିକ୍ ସ୍ଥାନରେ ରଖିଦେଉଥାଏ। ହେଲେ ଏହି ସମୟରେ ମୋତେ ଭାରି ଡର ଲାଗିଲା। କିଛି ସମୟ ପରେ ଏପରି ଅନୁଭବ ହେଲା ଯେ ମୋତେ କେହି ଯେମିତି ପଛପଟରୁ ଠେଲି ଦେଉଛି। ସେଦିନ ରାତିରେ ମୁଁ ଭଲ ଭାବରେ ଶୋଇପାରି ନ ଥିଲି।' ନିକଟରେ ନିଜ ଆକ୍ଟିଂ କ୍ୟାରିୟର ଅଭୁଲା ସ୍ମୃତି ବିଷୟରେ ବଖାଣିବା ସମୟରେ ଏ ନେଇ କହିଥିଲେ। କ୍ରିତିଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ହେରୋପନ୍ତୀ'ରୁ। ତା'ପରେ 'ବରେଲି କି ବର୍ଫି', 'ଲୁକ୍କା ଛୁପି', 'ହାଉସଫୁଲ-୪'ରେ ସେ ଅଭିନୟ କରିଥିଲେ।

## ଭାଗ୍ୟବାନ ଯଶ

ନିକଟରେ ରିଲିଜ ହୋଇଥିବା 'କେଜିଏଫ ଚାପ୍ଟର-୨' ବକ୍ସ ଅଫିସରେ ଆଶାତୀତ ବିଜନେସ କରିବାରେ ସକ୍ଷମ ହୋଇଛି। ତା'ସହ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ଯଶଙ୍କ ଆକ୍ଟିଂ କ୍ୟାରିୟରକୁ ଏହା କେତେ ମାଇଲେଜ ଦେଇଛି ତାହା କହିବା ଅନାବଶ୍ୟକ। କର୍ଣ୍ଣାଟକରେ ଜନ୍ମିତ ଯଶଙ୍କର ପ୍ରକୃତ ନାମ ହେଲା ନବୀନ କୁମାର ଗୌଡ। ତାଙ୍କର ବାପା ଅରୁଣ କୁମାର ଥିଲେ ଜଣେ ବସ୍ ଡ୍ରାଇଭର। ବଡ ପରଦାରେ ନିଜର କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ଯଶ ଥିଏଟର ସହ ଜଡିତ ଥିଲେ। ତା'ପରେ ସେ କେତୋଟି କନ୍ନଡ ଧାରାବାହିକରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହେଇଥିଲେ। ଚଳଚ୍ଚିତ୍ରରେ ପ୍ରଥମେ ସେ ଛୋଟ ଭୂମିକାରେ ଅଭିନୟ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ନିଜକୁ ଜଣେ ଅଗାଧାଡିର ଅଭିନେତା ଭାବରେ ପରିଚିତ କରାଇପାରିଛନ୍ତି। କନ୍ନଡ ଫିଲ୍ମ ଇଣ୍ଡଷ୍ଟ୍ରିରେ ସେ ଜଣେ ଲୋକପ୍ରିୟ ଅଭିନେତା। ଧାରାବାହିକ 'ନନ୍ଦ ଗୋକୁଳ'ରେ ତାଙ୍କ ସହ ଅଭିନୟ କରିଥିବା ରାଧିକା ପଣ୍ଡିତଙ୍କୁ ସେ ବିବାହ କରିଥିଲେ। ଚାରୋଟି କନ୍ନଡ ସିନେମାରେ ମଧ୍ୟ ଯଶ-ରାଧିକା ଯୋଡିକୁ ଦେଖିବାକୁ ମିଳିଛି। ଏବେ ଏହି ଇଣ୍ଡିଷ୍ଟ୍ରିର ସବୁଠାରୁ ଅଧିକ ପାରିଶ୍ରମିକ ପାଉଥିବା ଅଭିନେତା।


ଯଶ

## ଡ୍ୟାନ୍ସ ପାଇଁ..

ନୋରା ଫତେହି ଡ୍ୟାନ୍ସକୁ କେତେ ଭଲ ପାଆନ୍ତି ତାହା ପ୍ରାୟ ସମସ୍ତେ ଜାଣନ୍ତି। ନିକଟରେ ସେ ଏକ ମ୍ୟୁଜିକ ଆଲବମ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏ ନେଇ ନୋରା କହନ୍ତି, 'ଏହି ଗୀତର ପ୍ରତିଟି ବିଟ୍‌ରେ ନୂଆ ଭେରିଏସନ ଦର୍ଶକ ଦେଖିବାକୁ ପାଇବେ। ତେଣୁ ସେଥିପାଇଁ ମୋତେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହେବାକୁ ପଡୁଛି। ଆପଣମାନେ ତ ଜାଣନ୍ତି ଯେ, ଡ୍ୟାନ୍ସ ହେଉଛି ମୋର ଆଉ ଏକ ଅଙ୍ଗ। ଯେତେବେଳେ ଏହି ଗୀତର କୋରିଓଗ୍ରାଫର ମୋତେ ଡ୍ୟାନ୍ସ ନେଇ ଟିପ୍ସ ଦେଲେ ସେତେବେଳେ ଜାଣିଗଲି ଯେ ଏହା ମୋ ପାଇଁ ଏକ ଚ୍ୟାଲେଞ୍ଜ। ତେଣୁ ବର୍ତ୍ତମାନ ମୁଁ ଏହି ଗୀତ ପାଇଁ ପ୍ରାକ୍ଟିସ ଜାରି ରଖିଛି। ଆସନ୍ତା ମାସ ପ୍ରଥମ ସପ୍ତାହରେ ଏହାର ଶୁଟିଂ ଆରମ୍ଭ ହେବାର ଯୋଜନା ରହିଛି।'


ନୋରା

## ମାନ୍ୟତା

ଜଣେ ନାରୀର ସଂଘର୍ଷମୟ ଜୀବନକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ଫିଚର ଫିଲ୍ମ 'ମାନ୍ୟତା'। ବିକ୍ୟୁବ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ବିକାଶ ଚନ୍ଦ୍ର ପଟ୍ଟନାୟକ। ରଞ୍ଜନ ମିଶ୍ର ଏହାର ନିର୍ଦ୍ଦେଶକ ସାଜିଛନ୍ତି। ଫିଲ୍ମଟି କେବଳ ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ବେଶ୍ କେତୋଟି ପୁରସ୍କାର (ରାମେଶ୍ୱରମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପୁରସ୍କାର, ନ୍ୟୁୟର୍କ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପୁରସ୍କାର, ବୋଡେନ୍ ଫିଲ୍ମ ଫେଷ୍ଟିଭାଲ ପୁରସ୍କାର, ରୋମ୍ ଫିଲ୍ମ ଫେଷ୍ଟିଭାଲ ପୁରସ୍କାର) ହାସଲ କରିବାରେ ସକ୍ଷମ ହୋଇଛି। କେବଳ ସେତିକି ନୁହେଁ, ଚଳିତବର୍ଷର ଦାଦାସାହେବ ଫାଲକେ ଫିଲ୍ମ ଫେଷ୍ଟିଭାଲ ପାଇଁ ତାଲିକାଭୁକ୍ତ ହୋଇଛି। ପ୍ରଭାସିନି ପାଟ୍ଟଜୋଶୀଙ୍କ କାହାଣୀକୁ ଆଧାର କରି ଏହାର ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଚିନ୍ମୟ ଦାସପଟ୍ଟନାୟକ। ସରନ୍ୟା ସାମନ୍ତରାୟ, ବିକାଶ ଚନ୍ଦ୍ର ପଟ୍ଟନାୟକ, ସାଗରିକାମହାନ୍ତି, ସ୍ମୃତିରେଖା ପଟ୍ଟନାୟକ, ଅସୀତ ପତି ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


ବିକାଶ-ସରନ୍ୟା

# କଅଁଳିଆ ଖରାକୁ ଟିପିଟିପି ବର୍ଷା, ସୋନାକୁ ପ୍ରେମ କଲେ ମୋନା କରେ ଇର୍ଷା

ସାଥୀ

**ପ୍ରଶ୍ନ**–ମୁଁ ଜଣେ ଝିଅକୁ ମନପ୍ରାଣ ଦେଇ ଭଲପାଉଛି। ହେଲେ ତା'ର ଜଣେ ସାଙ୍ଗ ଏବେ ମୋ ପ୍ରେମରେ ପଡିଯାଇଛି। ମୁଁ ଏବେ କାହାକୁ ପ୍ରେମିକା ଭାବରେ ଗ୍ରହଣ କରି ଆଗକୁ ଆଗେଇବି ତାକୁ ନେଇ ଟେନସନରେ ଅଛି। ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ଦୀପକ ରାଉତ, ସୁନାବେଡା*

**ଉତ୍ତର:** ପ୍ରେମରେ କଦାପି ଦୁଇ ନାଆରେ ଗୋଡ ରଖିବେ ନାହିଁ। ଆପଣ ଜଣଙ୍କୁ ପ୍ରେମ କରୁଛନ୍ତି, ପୁଣି ତା'ଭିତରେ ଆପଣଙ୍କ ପ୍ରେମିକାର ସାଙ୍ଗ ଆପଣଙ୍କୁ ପ୍ରେମ କରି ବସିଲେଣି। ସତରେ ଇଏ ବଡ଼ ଅଡୁଆ କଥା। 'କଅଁଳିଆ ଖରାକୁ ଟିପିଟିପି ବର୍ଷା, ସୋନାକୁ ପ୍ରେମ କଲେ ମୋନା କରେ ଇର୍ଷା'। ହେଲେ ଏହି ଦୁଇ ଜଣଙ୍କ ଭିତରୁ ଜଣଙ୍କୁ ନେଇ ଆପଣଙ୍କୁ ଆଗେଇବାକୁ ପଡିବ। ତେଣୁ ପ୍ରଥମେ ଡିସାଇଡ୍ କରିନିଅନ୍ତୁ କିଏ ଆପଣଙ୍କର ଓରିଜିନାଲ ପ୍ରେମିକା। ନ ହେଲେ ଦୁଇ ପ୍ରେମିକାଙ୍କର ପ୍ରେମ ସମୁଦ୍ରରେ ବୁଡ ମାରୁ ମାରୁ ତେଣେ ନେଡିଗୁଡ କହୁଣିକୁ ବୋହି ଯାଇଥିବ। ବେଳ ଥାଉ ଥାଉ ବ୍ୟବସ୍ଥା କରନ୍ତୁ। ନଚେତ୍ ଦୁଇ ଆଖିରୁ ବୋହିଯାଉଥିବା ଗଙ୍ଗାଯମୁନାକୁ ପୋଛିବାକୁ ପାଖରେ କେହି ନ ଥିବେ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ସେ ମୋତେ କିଛି କହିବାକୁ ଚାହୁଁଛି,ହେଲେ କହିପାରୁ ନାହିଁ। ସେ ମୋତେ ଭଲ ପାଉଛି ବୋଲି କେମିତି ଜାଣିବି ?

*–ମାନସ ବଳ, ପାରାଦୀପ, ଜଗତସିଂହପୁର*

**ଉତ୍ତର:**ଜଣେ ଝିଅକୁ ଆପଣ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲେଣି। ହେଲେ ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, କିନ୍ତୁ କହିପାରୁନି। ଯଦି ସମ୍ଭବ ତାହାର କାରଣ ଅନୁଧ୍ୟାନ କରନ୍ତୁ। ଯାହାକୁ ପ୍ରପୋଜ କରିଛନ୍ତି ତା'ର ମନର କଥା ହୁଏତ ଚାହାଣୀ ମାଧ୍ୟମରେ ଜଣାପଡିପାରେ। ଯଦି ସେପଟୁ କିଛି ସିଗନାଲ ପାଉଛନ୍ତି ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ସହ ନଖରାମୀ କରୁଛି। ତାକୁ ପ୍ରେମ କରିବା ଠିକ୍ ହେବ କି ?

*–ତାପସ କୁମାର, ପୁରୀ*

**ଉତ୍ତର:** ଅନେକ ସମୟରେ ନଖରାମୀରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମୀ କରୁଛି ତାହାର କାରଣ ଖୋଜି ସମୟର ଅଯଥା ଅପଚୟ କରନ୍ତୁ ନାହିଁ। ସେହି ନଖରାମୀରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଉଭୟ ନଖରାମୀ ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା ଲାଗିଥାଏ। ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**–ମୋ ସ୍ୱପ୍ନ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ବେଳେବେଳେ ହସି ଦେଉଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ହୁଏତ ସେ ତାକୁ ଗ୍ରହଣ କରି ନ ପାରେ। ଏବେ ମୁଁ କ'ଣ କଲେ ଠିକ୍ ହେବ ?

*–ସୁଜିତ କୁମାର, ପୁରୀ*

**ଉତ୍ତର:**ଆପଣଙ୍କ ସ୍ୱପ୍ନ ସୁନ୍ଦରୀର ସେହି କଣେଇ କଣେଇ ଚାହାଣୀରେ ପ୍ରେମର ପହିଲି ଇସାରା ଲୁଚି ରହିଛି। କେବଳ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବେ।

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

*–ସୁଜିତ, ଢେଙ୍କାନାଳ*

**ଉତ୍ତର:**ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହୋଇଥିଲା, ସେହି ସମୟରେ ତା'ର ଠିକଣା ପଚାରି ବୁଝିନେଇଥିଲେ ଭଲ ହୋଇଥାଆନ୍ତା। ଏବେ ତାକୁ ଖୋଜିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ। ଯଦି ଆପଣଙ୍କ ପ୍ରେମ ଉପରେ ଭରସା ଅଛି ତେବେ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !



ପ୍ରଥମ ରୋଜଗାର



# ଦରମା ଟଙ୍କାରେ ଦାଦାଙ୍କୁ ସାଲ୍ ଦେଇଥିଲି

**ସାହିତ୍ୟିକ ସୁରଥ ଚନ୍ଦ୍ର ମଲ୍ଲିକ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ଯାଜପୁର ଜିଲାର ଶୂରଡ଼ିହ ଗାଁରେ ମୋର ଜନ୍ମ। ନନ୍ଦିପୁର ଉଚ୍ଚବିଦ୍ୟାଳୟରୁ ଏକାଦଶ ପାସ୍ କରିବା ପରେ ଏନ୍.ସି. କଲେଜରେ ସ୍ନାତକ ଯାଏ ପଢ଼ିଥିଲି। ତା'ପରେ ବାଣୀବିହାରରେ ଇତିହାସ ବିଷୟରେ ସ୍ନାତକୋତ୍ତର କଲି। ଏମ୍.ଫିଲ୍. କରିବାକୁ ଇଚ୍ଛା ଥିଲା କିନ୍ତୁ ତା' ପୂର୍ବରୁ ଓଡ଼ିଶା ବିଧାନସଭାରେ ଜୁନିୟର ଆସିଷ୍ଟାଣ୍ଟ ଭାବେ ମୋତେ ଚାକିରି ମିଳିଗଲା। ଏହା ଥିଲା ୧୯୮୬ ମସିହାର କଥା। ସେତେବେଳେ ୧୧ଶହ ଟଙ୍କା ଦରମା ମୋତେ ମିଳୁଥିଲା। ଏକ ନିମ୍ନ ମଧ୍ୟବିତ୍ତ ଯୌଥ ପରିବାରରେ ମୁଁ ବଢ଼ିଥିଲି। ମୋ ପରିବାରରେ ଥିଲେ ପ୍ରାୟ ୩୦ ଜଣ ସଦସ୍ୟ। ୪ ବାପା ଓ ୪ ବୋଉ ଏବଂ ଆମେ ଭାଇମାନେ ଥିଲୁ ୧୧ ଜଣ ଆଉ ଭଉଣୀ ୬ ଜଣ। ଏହା ବାଦ୍ ବି ଆଉ କିଛି ଲୋକ ଆମ ପରିବାରରେ ଥିଲେ। ମୋର ଜଣେ ଦାଦା ବହୁତ କଷ୍ଟ କରି ଆମ ଭାଇଭଉଣୀ ସମସ୍ତଙ୍କୁ ପାଠ ପଢ଼ାଇ ଶିକ୍ଷିତ କରାଇଥିଲେ। ତେଣୁ ସେହି ଦାଦା ଥିଲେ ମୋର ଫ୍ରେଣ୍ଡ୍, ଫିଲୋଶଫର୍ ଆଣ୍ଡ ଗାଇଡ୍। ସେଥିପାଇଁ ମୁଁ ଚାକିରି କରି ପ୍ରଥମ ଦରମା ପାଇଲା ପରେ ଆଗେ ଦାଦାଙ୍କ ପାଇଁ ଏକ ସାଲ୍ କିଣିଥିଲି। ତା'ସହିତ ମୋ ବୋଉ ପାଇଁ ଏକ ଶାଢ଼ି ଏବଂ ସବୁ ବାପାଙ୍କ ପାଇଁ ଧୋତି ଓ ଗାମୁଛା ଗୋଟିଏ ଗୋଟିଏ କିଣି ଦେଇଥିଲି। ଏଥିସହିତ ମୋର ଜଣେ ପ୍ରିୟ ଶିକ୍ଷକଙ୍କୁ ମଧ୍ୟ ଖୁସିରେ ଏକ ସାଲ୍ ଦେଇଥିଲି। ତେବେ ଏହି ପୋଷ୍ଟରେ ମୁଁ ଜୁଲାଇ ୧୯୮୯ ଯାଏ କାମ କରିବା ପରେ ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବଲାଙ୍ଗୀରରେ ନିଜାରତ ଅଫିସର୍ ଭାବେ ଜଏନ୍ କରିଥିଲି। ସେଠାରେ ୧୯୯୧ ପର୍ଯ୍ୟନ୍ତ କାମ କରିବା ପରେ ଅନୁଗୋଳ ଜିଲାର କଣିହାଁ ବ୍ଲକକୁ ବିଡିଓ ଭାବେ ମୋର ବଦଳି ହୋଇଥିଲା। ଦୁଇବର୍ଷ ପରେ ପୁଣି ବଦଳି ହେଲା ଯାଜପୁର ଜିଲାର ରସୁଲପୁର ବ୍ଲକକୁ। କିଛିଦିନ ପରେ ପୁନର୍ବାର ବଦଳି ହୋଇ ଗଲି ଗଞ୍ଜାମ ଜିଲାର ଶେରଗଡ଼ ବ୍ଲକକୁ। ତା'ପରେ କିଛିଦିନ ଅତିରିକ୍ତ ପ୍ରୋଜେକ୍ଟ ଡାଇରେକ୍ଟର ଭାବେ ଜଗତ୍‌ସିଂହପୁରରେ କାମ କଲି। ଏହାପରେ ସବ୍‌କଲେକ୍ଟର ଭାବେ ପାଲଲହଡ଼ା, ତା'ପରେ ଢେଙ୍କାନାଳ ଏବଂ ଆନନ୍ଦପୁରରେ ମଧ୍ୟ କିଛି କିଛି ଦିନ କାମ କରିଥିଲି। ଏହିପରି ଆହୁରି ଅନେକ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ କାମ କରି ଶେଷରେ ଏବେ ମୁଁ ଶକ୍ତି ବିଭାଗରେ ସ୍ୱତନ୍ତ୍ର ଶାସନ ସଚିବ ଭାବେ ନିଜର କର୍ତ୍ତବ୍ୟ ପାଳନ କରୁଅଛି। ତେବେ ଏଠାରେ ଗୋଟେ କଥା କହି ରଖିବାକୁ ଚାହୁଁଛି ଯେ ପ୍ରଥମ ଦରମା ପାଇଲା ଦିନଠୁ ଆଜିଯାଏ ନିଜ ସାଧ୍ୟମତେ ମୁଁ ମୋର ଯୌଥ ପରିବାରର ସମସ୍ତ ଦାୟିତ୍ୱ ତୁଲାଇବାକୁ ଚେଷ୍ଟା କରିଆସିଛି। ଆଉ ଏ କ୍ଷେତ୍ରରେ ମୋ ସହଧର୍ମିଣୀ ମୋତେ ପୂର୍ଣ୍ଣ ସହଯୋଗ କରିଆସିଛନ୍ତି ; ତେଣୁ ମୁଁ ବହୁତ ଖୁସି ଅଛି। ଚାକିରି ଜୀବନ ବାଦ୍ ସାହିତ୍ୟ ପ୍ରତି ମଧ୍ୟ ମୋର ବିଶେଷ ରୁଚି ରହିଛି। ଖାସ୍ କରି କ୍ଷୁଦ୍ରଗଳ୍ପ ମୁଁ ବେଶି ଲେଖିଥାଏ। 'ଅଧା ରାସ୍ତାରେ ଜୀବନ' ହେଉଛି ମୋ ଲିଖିତ ଏକ କ୍ଷୁଦ୍ରଗଳ୍ପ ସଂକଳନ। ମୋର କେତୋଟି ଗପ ସମ୍ବଲପୁର ଆକାଶବାଣୀ ଏବଂ କଟକ ଆକାଶବାଣୀର ଯୁବବାଣୀ ବିଭାଗରେ ମଧ୍ୟ ପାଠ କରାଯାଇ ଶ୍ରୋତାଙ୍କର ବେଶ୍ ମନ ଜିଣିପାରିଛି। ତେଣୁ ମୁଁ ଚିନ୍ତାକରିଛି ଏହି ଲେଖାଲେଖିର ଧାରା କେବେ ବି ବନ୍ଦ କରିବି ନାହିଁ।

*–ଅନ୍ୱିତା*

# ଆନିମାଲ୍ ପ୍ରିଣ୍ଟ ଫୁଟ୍‌ୱେର



ଏମିତି କିଛି ପ୍ରିଣ୍ଟ ଅଛି, ଯାହାର ଟ୍ରେଣ୍ଡ କେବେ ବି ଫିକା ପଡେନାହିଁ। ଯେମିତିକି ଆନିମାଲ୍ ପ୍ରିଣ୍ଟ। ଏହି ପ୍ରିଣ୍ଟର କେବଳ ଆଉଟ୍‌ଫିଟ୍ ନୁହେଁ ଫୁଟ୍‌ୱେର୍‌ର ବି ବେଶ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି...







ଆନିମାଲ୍ ପ୍ରିଣ୍ଟର ଫ୍ୟାଶନ କେବେ ବି ଆଉଟ୍ ଡେଟେଡ୍ ହୁଏ ନାହିଁ। ଅଲ୍ ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ ଏହି ପ୍ରିଣ୍ଟ। ଖାସ୍‌କରି ଏହି ପ୍ରିଣ୍ଟର ଆଉଟ୍‌ଫିଟ୍ ହେଉ ଅବା ହ୍ୟାଣ୍ଡବ୍ୟାଗ୍ ଯୁବତୀଙ୍କର ବେଶ୍ ପସନ୍ଦ ହୋଇଥାଏ। କିନ୍ତୁ ଏବେ ଏହି ପ୍ରିଣ୍ଟର ଫୁଟୱେର୍ ବି ମାର୍କେଟ୍‌ରେ ଉପଲବ୍ଧ ହେଲାଣି ; ଯାହାକୁ ପାର୍ଟି, ଫଙ୍କସନ୍ ହେଉ ଅବା ଅଫିସ୍ ଅଥବା କାଜୁଆଲ୍ ଆଉଟିଂରେ ଗଲାବେଳେ ମଧ୍ୟ ଆରାମରେ ପିନ୍ଧିହେବ। ଖାଲି ଏଥିପାଇଁ କିଛିଟା ଜରୁରୀ ଟିପ୍ସକୁ ଅନୁସରଣ କରିବା ଦରକାର। ଯେମିତିକି:

* **ସ୍ମାର୍ଟ ଭାବେ ପେୟାର୍ କରିବେ:** ଆନିମାଲ୍ ପ୍ରିଣ୍ଟର ମଧ୍ୟ ବିଭିନ୍ନ ଭେରାଇଟି ରହିଥାଏ। ଯେମିତିକି ଲିଓପାର୍ଡ ପ୍ରିଣ୍ଟ, ଜେବ୍ରା ପ୍ରିଣ୍ଟ, ହାଏନା ପ୍ରିଣ୍ଟ, ସ୍ନେକ୍ ପ୍ରିଣ୍ଟ ଇତ୍ୟାଦି। ତେବେ କେବେ ବି ଭୁଲ୍‌ରେ ଦୁଇଟି ଭିନ୍ନ ଧରଣର ଆନିମାଲ୍ ପ୍ରିଣ୍ଟକୁ ଏକାସଙ୍ଗେ ଟ୍ରାଏ କରିବା ଠିକ୍ ନୁହେଁ। କାରଣ ଏହା ଦେଖିବାକୁ ସେତେ ଭଲ ଲାଗି ନଥାଏ। ଆଉ ଯଦି କରିବାକୁ ଚାହୁଁଥାନ୍ତି, ତା'ହେଲେ ଟିକେ ସ୍ମାର୍ଟ ଭାବେ ଏହାକୁ କ୍ୟାରି କରିପାରିବେ। ଅର୍ଥାତ୍: ଆନିମାଲ୍ ପ୍ରିଣ୍ଟ ଫୁଟ୍‌ୱେର୍ ସହିତ ଆନିମାଲ୍ ପ୍ରିଣ୍ଟ ସ୍କର୍ଟ କିମ୍ବା ଆନିମାଲ୍ ପ୍ରିଣ୍ଟ ପ୍ୟାଣ୍ଟ ଏକସଙ୍ଗେ କେବେ ବି ପିନ୍ଧିବେ ନାହିଁ। ଦରକାର ପଡିଲେ ଆପଣ ଏହି ପ୍ରିଣ୍ଟର ଫୁଟ୍‌ୱେର୍ ସହିତ ମ୍ୟାଚିଂ ଆନିମାଲ୍ ପ୍ରିଣ୍ଟ ଜ୍ୟାକେଟ୍ କିମ୍ବା ସ୍କାର୍ଫ ଟ୍ରାଏ କରିପାରିବେ। କାରଣ ଏହା ବାଲାନ୍ସଡ୍ ଲୁକ୍ ଦେଇଥାଏ।
* **କଲର୍ ଉପରେ ବି ଧ୍ୟାନ ଦେବେ:** ଆନିମାଲ୍ ପ୍ରିଣ୍ଟ ଫୁଟ୍‌ୱେର୍‌କୁ ଷ୍ଟାଇଲ୍ କରିବା ସମୟରେ ଫୁଟ୍‌ୱେର୍‌ର କଲର୍ ବା ରଙ୍ଗ ଉପରେ ମଧ୍ୟ ବିଶେଷ ଧ୍ୟାନ ଦେବା ଦରକାର। ଯଦି ଆପଣ ଦିନବେଳା ଏହି ପ୍ରିଣ୍ଟର ଫୁଟ୍‌ୱେର୍ ପିନ୍ଧିବାକୁ ଚାହୁଁଛନ୍ତି, ତା'ହେଲେ କଳା, ଧଳା କିମ୍ବା ବ୍ରାଉନ୍ କଲର୍‌ର ଫୁଟ୍‌ୱେର୍ ଟ୍ରାଏ କରିପାରିବେ, ଭଲ ମାନିବ। ଆଉ ଯଦି ରାତିରେ ପିନ୍ଧିବାକୁ ଚାହୁଁଥାନ୍ତି ତା'ହେଲେ ଯେ କୌଣସି ବ୍ରାଇଟ୍ କଲର୍‌ର ଆନିମାଲ୍ ପ୍ରିଣ୍ଟ ଫୁଟ୍‌ୱେର୍ ପିନ୍ଧିଲେ ଚଳିବ।
* **ବ୍ଲାକ୍ କଲର୍ ସହିତ ପେୟାର୍ କରିବେ:** ଯଦି ଆପଣଙ୍କୁ ବ୍ଲାକ୍ ବା କଳା ରଙ୍ଗର ଆଉଟ୍‌ଫିଟ୍ ପିନ୍ଧିବା ପସନ୍ଦ, ତା'ହେଲେ ଏହି ଆଉଟ୍‌ଫିଟ୍ ସହ ଆପଣ ଯେ କୌଣସି ଆନିମାଲ୍ ପ୍ରିଣ୍ଟର ଫୁଟ୍‌ୱେର୍ ପିନ୍ଧିଲେ ବି ବେଶ୍ ଭଲ ମାନିବ।
* **ଜିନ୍ସ ସହ ବି ଟ୍ରାଏ କରିପାରିବେ:** ଜିନ୍ସ ସହ ମଧ୍ୟ ଆନିମାଲ୍ ପ୍ରିଣ୍ଟ ଫୁଟ୍‌ୱେର୍ ବହୁତ ଭଲ ମାନିଥାଏ। ଯଦି ଆପଣ ଲେଗିଙ୍ଗ୍ସ ଅଥବା ଜିନ୍ସ ସହ ଏହି ପ୍ରିଣ୍ଟର ଫୁଟ୍‌ୱେର୍ ଟ୍ରାଏ କରିବାକୁ ଚାହୁଁଥାନ୍ତି, ତା'ହେଲେ ଆଙ୍କେଲ୍ ହିଲ୍ ବୁଟ୍ ଷ୍ଟାଇଲ୍‌ର ଆନିମାଲ୍ ପ୍ରିଣ୍ଟ ଫୁଟ୍‌ୱେର୍ ପିନ୍ଧିପାରିବେ। କିନ୍ତୁ ଏଥିପାଇଁ ଜିନ୍ସ କିମ୍ବା ଲେଗିଙ୍ଗ୍ସ କଳା ରଙ୍ଗର ହୋଇଥିବା ଆବଶ୍ୟକ।






## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ପ୍ରିୟା



ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ
କଷ୍ଟ୍ୟୁମ: ଲେଡିବେନ/ବେନୋରିଟା

## ହାଃ ହାଃ

### ବାସ୍ତବ

ପୁଅକୁ ଅନେକ ସମୟ ଧରି ଫୋନ୍‌ରେ କଥା ହେଉଥିବା ଦେଖିବା ପରେ ବାପା: ଫୋନ୍‌ରେ କିଏ ଥିଲା ?
ପୁଅ: ମୋ ସାଙ୍ଗ।
ବାପା: ସତ କହ, ବାସ୍ତବରେ କିଏ ଥିଲା ?
ପୁଅ: ବାପା 'ବାସ୍ତବ'ରେ ସଞ୍ଜୟ ଦତ୍ତ ଥିଲେ।

### ଧୀରେ

ଆକ୍ସିଡେଣ୍ଟ କେସ୍‌ରେ କୋର୍ଟରେ ଶୁଣାଣି ଚାଲିଥାଏ।
ଜଜ୍: ପ୍ରମାଣ ଦେଇ କହିପାରିବ ଯେ, ତମେ ଗାଡି ଧୀରେ ଚଲଉଥିଲ।
ଆରୋପୀ: ହଁ, ଆଜ୍ଞା। ମୁଁ ମୋ ସ୍ତ୍ରୀକୁ ଆଣିବା ଲାଗି ଶ୍ୱଶୁର ଘରକୁ ଯାଉଥିଲି।

### ଭୋଟର

ଭୋଟର ମତଦାନ ଅଧିକାରୀଙ୍କୁ: ଆଜ୍ଞା ଆପଣ ଆଙ୍ଗୁଠିରେ ଯେଉଁ ସ୍ୟାହି ଲଗାଉଛନ୍ତି ତାହା କେତେଦିନ ପରେ ଛାଡିବ ?
ମତଦାନ ଅଧିକାରୀ: ପ୍ରାୟ ୪ ମାସ।
ଭୋଟର ନିଜ ମୁଣ୍ଡକୁ ଦେଖାଇ: ଦୟାକରି ମୋ ଚୁଟିରେ ଏଇ ସ୍ୟାହି ଲଗେଇ ଦିଅନ୍ତୁ। ଡାଇ ଲଗେଇଲେ ତ ମାତ୍ର ୧୫ ଦିନରେ ଛାଡି ଯାଉଛି।



# ସ୍ୱାମୀନାରାୟଣ ଅକ୍ଷରଧାମ



ସ୍ୱାମୀନାରାୟଣ ଅକ୍ଷରଧାମ ମନ୍ଦିର ନିଜର ଆକର୍ଷଣୀୟ ବାସ୍ତୁକଳା ପାଇଁ କେବଳ ଦିଲ୍ଲୀରେ ନୁହେଁ ସାରା ଭାରତବର୍ଷରେ ଏପରିକି ଦେଶବିଦେଶରେ ମଧ୍ୟ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ଏହି ମନ୍ଦିରଟି ପ୍ରାୟ ୩୫୬ ଫୁଟ୍ ଲମ୍ବ, ୩୧୬ ଫୁଟ୍ ଚଉଡ଼ା ତଥା ୧୪୧ ଫୁଟ୍ ଉଚ୍ଚତା ବିଶିଷ୍ଟ ହୋଇଥିଲେ ହେଁ, ଏହାର ସମ୍ପୂର୍ଣ୍ଣ ପରିସର କିନ୍ତୁ ପ୍ରାୟ ୮୬,୩୪୨ ବର୍ଗ ଫୁଟ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ ; ଯାହାକି ଅନ୍ୟ କୌଣସି ହିନ୍ଦୁ ମନ୍ଦିରରେ ପ୍ରାୟତଃ ଦେଖାଯାଇ ନ ଥାଏ। ଖାସ୍ ଏହି କାରଣ ପାଇଁ ୨୦୦୭ ଡିସେମ୍ବର ୧୭ରେ ଏହି ମନ୍ଦିରକୁ ଦୁନିଆର ସବୁଠାରୁ ବିଶାଳ ହିନ୍ଦୁ ମନ୍ଦିର ପରିସର ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ ପ୍ରାପ୍ତ ହୋଇଛି।

## ମନ୍ଦିରର କାରୁକାର୍ଯ୍ୟ

ସୂଚନାନୁଯାୟୀ, ବୋଚାସନୱାସି ଅକ୍ଷର ପୁରୁଷୋତ୍ତମ ସ୍ୱାମୀନାରାୟଣ ସଂସ୍ଥାହେଉଛି ଏକ ସାମାଜିକ ଆଧ୍ୟାତ୍ମିକ ହିନ୍ଦୁ ସଂଗଠନ। ଏହି ସଂସ୍ଥା ବିଶ୍ୱ ସ୍ତରରେ ପ୍ରାୟ ୧୧୦୦ରୁ ଊର୍ଦ୍ଧ୍ୱ ମନ୍ଦିର ତଥା ସାଂସ୍କୃତିକ ପରିସରର ଦେଖାଚାହାଁ କରିଥାଏ। ତେବେ ଏହି ସଂସ୍ଥାର ପ୍ରମୁଖ ସ୍ୱାମୀ ମହାରାଜଙ୍କ ନେତୃତ୍ୱରେ ଉକ୍ତ ମନ୍ଦିରଟି ଗଢାଯାଇଥିଲା। ହଜାରରୁ ଊର୍ଦ୍ଧ୍ୱ କାରିଗରଙ୍କର ଅକ୍ଲାନ୍ତ ପରିଶ୍ରମରେ ନିର୍ମିତ ହୋଇଥିବା ଏହି ମନ୍ଦିରଟିକୁ ଗଢିବା ପାଇଁ କେବଳ ରାଜସ୍ଥାନୀ ଗୋଲାପୀ ସାଣ୍ଡଷ୍ଟୋନ ଏବଂ ଇଟାଲିୟାନ୍ କରାରା ମାର୍ବଲର ବ୍ୟବହାର କରାଯାଇଛି। ଏଥିରେ ଷ୍ଟିଲ୍ କି ଲୁହା କି କଂକ୍ରିଟ୍ ଟିକେ ହେଲେ ବି ବ୍ୟବହାର ହୋଇନାହିଁ। ତା'ଛଡ଼ା ଏହି ମନ୍ଦିରରେ ରହିଛି ପ୍ରାୟ ୨୩୪ଟି କାରୁକାର୍ଯ୍ୟପୂର୍ଣ୍ଣ ଆକର୍ଷଣୀୟ ଖୁମ୍ବ, ୯ଟି ଗମ୍ବୁଜ ତଥା ହଜାର ହଜାର ସଂଖ୍ୟାର ବିଭିନ୍ନ ମୂର୍ତ୍ତି ; ଯେଉଁଥିରେ ସାମିଲ ଅଛନ୍ତି ବିଭିନ୍ନ ଦେବଦେବୀ, ଋଷି, ସନ୍ଥ ତଥା ହାତୀମାନଙ୍କର ମୂର୍ତ୍ତି। ତା'ଛଡ଼ା ଏହି ମନ୍ଦିର ପରିସରରେ ପ୍ରାୟ ୧୧ ଫୁଟ୍ ଉଚ୍ଚତା ବିଶିଷ୍ଟ ସ୍ୱାମୀ ନାରାୟଣଙ୍କର ଅଭୟମୁଦ୍ରାରେ ଥିବା ଭବ୍ୟ ପ୍ରତିମା ଥିବାର ମଧ୍ୟ ଦେଖାଯାଇଥାଏ।





ଦିଲ୍ଲୀରେ ଥିବା ସ୍ୱାମୀନାରାୟଣ ଅକ୍ଷରଧାମ ମନ୍ଦିର ହେଉଛି ଏକ ଅପୂର୍ବ ତଥା ଆକର୍ଷଣୀୟ ସାଂସ୍କୃତିକ ତୀର୍ଥସ୍ଥଳୀ। ଆଧ୍ୟାତ୍ମିକତା ଦୃଷ୍ଟିରୁ ଏହି ମନ୍ଦିରର ଯେତିକି ନାଁ ରହିଛି ଆକର୍ଷଣୀୟ ବାସ୍ତୁକଳା ପାଇଁ ମଧ୍ୟ ଦେଶବିଦେଶରେ ଏହା ସେତିକି ପ୍ରସିଦ୍ଧି ଲାଭ କରିପାରିଛି। ସେଥିପାଇଁ ତ ବର୍ଷସାରା ଏଠାରେ ଆଗନ୍ତୁକଙ୍କର ଭିଡ଼ ଦେଖିବାକୁ ମିଳିଥାଏ...

## ମନ କିଣିନିଏ ଫାଉଣ୍ଟେନ ଶୋ'

ଏହି ମନ୍ଦିର ପରିସରରେ ପ୍ରତିଦିନ ଆଗନ୍ତୁକଙ୍କ ମନୋରଞ୍ଜନ ପାଇଁ ମ୍ୟୁଜିକାଲ୍ ଫାଉଣ୍ଟେନ୍ ଶୋ'ର ଆୟୋଜନ କରାଯାଇଥାଏ। ଏହି ଶୋ' ମାଧ୍ୟମରେ ଅନେକ କାହାଣୀକୁ ମଧ୍ୟ ଦର୍ଶାଯାଇଥାଏ, ଯାହା ଖୁବ୍ ମନଛୁଆଁ ହୋଇଥାଏ।

## ଗାର୍ଡେନ ଅଫ୍ ଇଣ୍ଡିଆର ଆକର୍ଷଣ

ଉକ୍ତ ମନ୍ଦିର ପରିସରରେ ରହିଛି ଏହି ଆକର୍ଷଣୀୟ ଗାର୍ଡେନ ବା ବଗିଚାଟି। ଏଠାରେ ପର୍ଯ୍ୟଟକ ପିତ୍ତଳର ଅନେକ ମୂର୍ତ୍ତି ଦେଖିବା ସହ ସୁସଜ୍ଜିତ ବଗିଚା ଭିତରେ ଘାସର ଗାଲିଚା ଉପରେ ଚାଲି ବେଶ୍ ଆନନ୍ଦ ପାଇପାରିବେ। ତା'ଛଡ଼ା ଏହି ବଗଚା ଭିତରେ ରହିଛି ଯୋଗୀହୃଦୟ କମଲ୍ ; ଏକ ବିଶେଷ ପଦ୍ମଫୁଲ ଆକୃତିର ପ୍ରତିକୃତି। କୁହାଯାଏ, ଏହି ପ୍ରତିକୃତି କୁଆଡ଼େ ଶୁଭ ଭାବନାକୁ ଦର୍ଶାଇଥାଏ।

କେବଳ ଏତିକି ନୁହେଁ, ପର୍ଯ୍ୟଟକ ଏହି ମନ୍ଦିରର ବିଶାଳ ପରିସର ଭିତରେ ଆହୁରି ଅନେକ କିଛି ଆକର୍ଷଣୀୟ ଜିନିଷ ଦେଖିପାରିବେ। ଯେମିତିକି: ନାରାୟଣ ସରୋବର, ଅଭିଷେକ ମଣ୍ଡପ, ପ୍ରେମବତୀ ଆହାରଗୃହ, ସଂସ୍କୃତି ବିହାର (ବୋଟ୍ ରାଇଡ୍), ନୀଳକଣ୍ଠ ଦର୍ଶନ (ଥିଏଟର୍), ସହଜଆନନ୍ଦ ଦର୍ଶନ ଇତ୍ୟାଦି। ସଂକ୍ଷେପରେ କହିବାକୁ ଗଲେ, ଏହି ମନ୍ଦିର ଓ ଏହାର ପରିସରରେ ଥିବା ପ୍ରତ୍ୟେକଟି ଜିନିଷକୁ ଏତେ ସୁନ୍ଦର ଭାବେ ଯୋଜନା କରି ତିଆରି କରାଯାଇଛି ଯେ ; ଯାହାକୁ ଥରେ ଦେଖିଲେ ଆଖି ଲାଖିଯିବ ଆଉ ତାହା ସବୁଦିନ ପାଇଁ ମନରେ ଘର କରିନେବ।

## ମନ୍ଦିର ସମ୍ପର୍କରେ କିଛିଟା ଜରୁରୀ କଥା

ସୂଚନାନୁଯାୟୀ, ପ୍ରତି ସୋମବାର ଏହି ମନ୍ଦିର ବନ୍ଦ ରହିଥାଏ। ମନ୍ଦିର ପରିସର ମଧ୍ୟକୁ ପ୍ରବେଶ କରିବା ତଥା ପ୍ରଭୁଙ୍କ ଦର୍ଶନ କରିବା ନିଃଶୁଳ୍କ ହୋଇଥିଲେ ହେଁ, ମ୍ୟୁଜିକାଲ୍ ଫାଉଣ୍ଟେନ ଶୋ ତଥା ଅନ୍ୟାନ୍ୟ ଏକ୍‌ଜିବିଶନ୍‌କୁ ଦେଖିବାକୁ ହେଲେ ଆଗନ୍ତୁକଙ୍କୁ ସ୍ୱତନ୍ତ୍ର ଟିକେଟ କାଟିବାକୁ ହୋଇଥାଏ। ସେହିପରି ମନ୍ଦିର ମଧ୍ୟକୁ ପ୍ରବେଶ କରିବାକୁ ହେଲେ ପର୍ଯ୍ୟଟକଙ୍କୁ ଠିକ୍‌ଠାକ୍ ପୋଷାକ ପିନ୍ଧିବା ମଧ୍ୟ ଦରକାର। ଅର୍ଥାତ୍ ଏପରି ପୋଷାକ ପିନ୍ଧିବା ଆବଶ୍ୟକ ଯେଉଁଥିରେ ସେମାନଙ୍କର ଛାତି, କାନ୍ଧ, ବାହୁ, ନାଭି ଆଦି ଲୁଚି ରହୁଥିବ, ତା'ସହିତ ପୋଷାକର ଲମ୍ବା ଆଣ୍ଠୁ ତଳକୁ ରହୁଥିବ। ଯଦି କୌଣସି ପର୍ଯ୍ୟଟକଙ୍କ ପାଖରେ ସେମିତି ପୋଷାକ ନ ଥାଏ, ତା'ହେଲେ ମନ୍ଦିରର ପ୍ରବେଶ ପଥରେ ଥିବା ଦୋକାନରୁ ମାତ୍ର ୧୦୦ ଟଙ୍କା ଦେଇ ସ୍ୱତନ୍ତ୍ର ପୋଷାକ ଦେହରେ ଘୋଡେଇ ହୋଇ ମନ୍ଦିର ମଧ୍ୟକୁ ପ୍ରବେଶ କରିପାରିବେ। ଏବଂ ମନ୍ଦିରରୁ ଫେରିବା ପରେ ସେହି ପୋଷାକକୁ ଫେରାଇଦେଲେ ଦୋକାନୀ ଆପଣଙ୍କୁ ପୁନର୍ବାର ୧୦୦ ଟଙ୍କା ଫେରାଇ ଦେବାର ସୁବିଧା ମଧ୍ୟ ଏଠାରେ ଉପଲବ୍ଧ ଅଛି।







# ହ୍ୱିଲ ଚେୟାରରେ ବ୍ୟାକଫ୍ଲିପ୍

ମନରେ କିଛି କରି ଦେଖେଇବାର ଝୁଙ୍କ ଥିଲେ କଠିନରୁ କଠିନ ଓ ଅସମ୍ଭବ ମନେ ହେଉଥିବା କାମ ବି ସହଜରେ କରିହୁଏ। କୌଣସି ପ୍ରତିବନ୍ଧକ ବି ବାଟ ଓଗାଳି ପାରେନା। ବ୍ରିଟେନ୍‌ରେ ରହୁଥିବା ୧୨ ବର୍ଷୀୟ ବେନ୍ ହେଉଛନ୍ତି ଏହାର ଜଣେ ଜୀବନ୍ତ ଉଦାହରଣ। ବେନ୍ ଜଣେ ଭିନ୍ନକ୍ଷମ। ସେ ଚାଲିପାରନ୍ତି ନାହିଁ। ହ୍ୱିଲ ଚେୟାର ହିଁ ତାଙ୍କର ଭରସା। ଏଭଳି ଅବସ୍ଥାରେ ବି ତାଙ୍କ ମନୋବଳ ବେଶ୍ ଦୃଢ। ଆଉ ହ୍ୱିଲ ଚେୟାରରେ ଥାଇ ସେ କରିପାରିଛନ୍ତି ୱାର୍ଲଡ ରେକର୍ଡ। ଯାହାକୁ କି ଜଣେ ସୁସ୍ଥ ମଣିଷ ସ୍ୱପ୍ନରେ ବି କରିବା କଥା ଭାବି ପାରିବେ ନାହିଁ। କାରଣ ବେନ ହ୍ୱିଲ ଚେୟାରରେ ବସି ବ୍ୟାକ୍‌ଫ୍ଲିପ୍ ମାରି ଉକ୍ତ ରେକର୍ଡ କରିଛନ୍ତି। ଆଠ ବର୍ଷର ହୋଇଥିବାବେଳେ ବେନ୍ ପ୍ରଥମେ ହ୍ୱିଲ ଚେୟାର୍ ମୋଟର କ୍ରସ୍ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହାପରେ ସେ ଲଗାତାର ଅଭ୍ୟାସ କଲେ। କିଛି ମାସର ଅଭ୍ୟାସ ପରେ ସେ ବ୍ୟାକଫ୍ଲିପ୍ ମାରିବାକୁ ନିଷ୍ପତ୍ତି ନେଲେ। ଚେୟାର୍‌ରେ ଓଲଟିବାବେଳେ ଶରୀର ଉପରେ ନିୟନ୍ତ୍ରଣର ଆବଶ୍ୟକତା ଥିଲା। ଯାହା କରିବାରେ ବେନ ସଫଳ ହୋଇଥିଲେ। ଫଳରେ ହ୍ୱିଲ ଚେୟାରରେ ବ୍ୟାକ୍‌ଫ୍ଲିପ୍ ମାରିଥିବା ୟୁକେର ପ୍ରଥମ ଓ ସବୁଠୁ କମ୍ ବୟସ୍କ ଯୁବକଭାବେ ବେନ ପରିଚିତ ହେଲେ।





## କାର୍ଟୁନ କର୍ନର





## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ଦୁଇଶହ ଅଣଚାଳିଶ ଟଙ୍କାର କଥା

ଭଗବାନଙ୍କ ଉଦ୍ଦେଶ୍ୟରେ ଆମ ପକେଟ୍‌ରୁ ଖର୍ଚ୍ଚ ହେଉଥିବା ପ୍ରତ୍ୟେକଟି ଟଙ୍କା କେବେ ପାଣିରେ ପଡ଼େ ନାହିଁ । ଗୋଟି ଗୋଟି କରି ଦିନେ ନା ଦିନେ ତାହା ଆମ ପାଖକୁ ଫେରିଆସେ । ବହୁତ ଲୋକ ମଠ ମନ୍ଦିର ସ୍ଥାପନ କରିବା ପାଇଁ ଅର୍ଥ ଦାନ କରନ୍ତି । ମଠଟି ଜରାଜୀର୍ଣ୍ଣ ହୋଇଯାଇଥିଲେ କିମ୍ବା ମହନ୍ତ ଭଙ୍ଗା କୁଡ଼ିଆରେ ରହୁଥିଲେ କେହିଜଣେ ବଦାନ୍ୟ ବ୍ୟକ୍ତି ତାଙ୍କ ରହିବା ପରି ସୁନ୍ଦର ଛାତଘରଟିଏ କରି ଦେବାର ଘଟଣା ଆମ ଆଖି କେବେ ଦେଖିଥିବ । କେହି କେହି ଦାନଶୀଳ ବ୍ୟକ୍ତି ଏକକ ଉଦ୍ୟମରେ ଗରିବ ଲୋକଙ୍କୁ ବହୁ ସାହାଯ୍ୟ ମଧ କରନ୍ତି । ଏପରି କରି କେତେଜଣ ନିଜ ବଦାନ୍ୟତାର ବିଜ୍ଞାପନ କରିବସନ୍ତି ତ କେହି କେହି ନୀରବ ରହିଥାନ୍ତି । ଦାନ କରି ଯେଉଁମାନେ ନୀରବ ରୁହନ୍ତି ସେମାନଙ୍କ ବିଚାରଧାରାକୁ ଟିକେ ଦେଖନ୍ତୁ । ଗରିବ ଲୋକଟିଏ ତା' ଝିଅର ବାହାଘର ପାଇଁ ଭାରି ହଇରାଣ ହେଉଥିଲା । ମୁଖ୍ୟ କଥା ହେଲା ତା' ପାଖରେ ଥିଲା ଅର୍ଥର ଅଭାବ । ପାଞ୍ଚ ଦଶ ଚିହ୍ନା ଅଚିହ୍ନା ମୁହଁଙ୍କୁ ହାତ ଉଧାରି ମାଗି ବିଫଳ ହେବା ପରେ ମୁଣ୍ଡରେ ହାତ ଦେଇ ବସିଲା । ଦୁଇ ଚାରି ଦିନ ପରେ ବାହାଘର । ଏଣେ ହାତରେ ଟଙ୍କାଟିଏ ନାହିଁ । ରାତିସାରା ବସି ଗରିବ ଲୋକଟି ଏ କଥା ଭାବୁଛି ଆଉ ଆଖିରୁ ଲୁହ ଗଡ଼ାଉଛି । ଗରିବ ଲୋକର ଏ କଥାଟି ଯାଇ ପାଖ ପଡ଼ୋଶୀ ଥିବା ଧନାଢ୍ୟ ବ୍ୟକ୍ତି ପାଖରେ ପହଞ୍ଚିବାରୁ ସେ ସେଇ ଦିନ ରାତିରେ ଟଙ୍କା ଦୁଇ ଲକ୍ଷକୁ ଏକ ପୁଟୁଳିରେ ବାନ୍ଧି ସେଇ ଗରିବ ଘରର ଦାଣ୍ଡଘର କବାଟ ପାଖରେ ଥୋଇ ଦେଇ ଆସିଲା ।

ରାତି ପାହିଲା । ଦାଣ୍ଡଘର କବାଟ ଖୋଲୁ ଖୋଲୁ ଗରିବ ଲୋକର ସ୍ତ୍ରୀ ଏ ପୁଟୁଳିଟିକୁ ପାଇ ସ୍ୱାମୀଙ୍କୁ ଦେଖାଇଲା । ଖୋଲି ଦେଖିବା ବେଳକୁ ଦୁଇଲକ୍ଷ ଟଙ୍କା । ସ୍ୱାମୀ ସ୍ତ୍ରୀ ଦୁହେଁ ଅତି ଖୁସି ହୋଇ କହିଲେ – ଯାହା ହେଉ, ଭଗବାନ ଆମ ଡାକ ଶୁଣିଲେ । ଧନାଢ୍ୟ ବ୍ୟକ୍ତି ନିଜ ସ୍ତ୍ରୀକୁ ବୁଝାଇ କହିଲେ – ଦେଖ, ମୁଁ ଯଦି ନିଜେ ଯାଇ ସେ ଟଙ୍କା ଦେଇ ଆସିଥାନ୍ତି ତେବେ ମଣିଷ ହୋଇ ରହିଥାନ୍ତି । କିନ୍ତୁ ଗୋପନରେ ଦେଇ ଆସିବାରୁ ମୁଁ 'ଭଗବାନ' ହୋଇଗଲି ।

ସୁତରାଂ ଯିଏ ଦାନୀ ବୋଲାଇବାର ଅଛି ସିଏ କାହାକୁ ସାହାଯ୍ୟ କରି ନିଜ ବଦାନ୍ୟତାର ବିଜ୍ଞାପନ କରୁ । ଯିଏ ଭଗବାନ ହେବାର ଅଛି ସିଏ ନୀରବ ହୋଇ ବସୁ । ଏମିତିରେ ଆମ ଶାସ୍ତ୍ର ପୁରାଣ କହିଛନ୍ତି – ବାବୁରେ ଦାନ କରିସାରିବା ପରେ ଏକଥାକୁ କେବେ ବି ପ୍ରଚାର କରିବ ନାହିଁ । ଗୋପନରେ ଏପରି ଦାନ କରିବ ଯେ ଦାନ କରୁଥିବା ଡାହାଣ ହାତ କଥା ବାମ ହାତ ଯେମିତି ଜାଣି ନ ପାରେ ।

ଆଉ ଏବେ ? କିଲେ ଚୁଡ଼ାକୁ ଦଶଟା ଦରିଦ୍ର ଲୋକ ହାତ ଦେଖାଇ ଫଟୋ ନ ଉଠାଇବା ପର୍ଯ୍ୟନ୍ତ ଚୁଡ଼ାଦାତାଙ୍କ ହାତରେ ସେମିତି ରହୁଛି । ଦାନ କର । ପ୍ରଚାର କରନା । ଦାନ କଲାବେଳେ ଭାବ – ତୁମେ କାହାକୁ ଦାନ କରୁଛ ? ଅନ୍ୟକୁ ? ମୋଟେ ନୁହେଁ । ଆମେ ଭାବୁ ଯେ ଆମେ ଅମକକୁ ଏତେ ସାହାଯ୍ୟ କଲୁ । କିନ୍ତୁ ନା'ରେ ଭାଇ, ଆମେ ତାକୁ ନୁହେଁ, ନିଜକୁ ହିଁ ସାହାଯ୍ୟ କରୁ । ଦାନ କିମ୍ବା ଅନ୍ୟର ଉପକାରରେ ଖର୍ଚ୍ଚ କରାଯାଉଥିବା ଅର୍ଥ ଦିନେ ନା ଦିନେ ଆମ ପାଖକୁ ଫେରିଆସେ । ଏ ଜନ୍ମରେ ହେଉ କିମ୍ବା କୋଉ ଜନ୍ମରେ, ଫେରି ଆସିବା କିନ୍ତୁ ନିଶ୍ଚିତ । ମଣିଷକୁ ସାହାଯ୍ୟ କଲେ ଯେ ତାହା ଫେରି ଆସେ ତା' ନୁହେଁ, ଆପଣ ଯଦି ଭଗବାନଙ୍କୁ ସାହାଯ୍ୟ କରିଛନ୍ତି, ଦାନ କରିଛନ୍ତି ସେ ବି ତୁମ ଦାନକୁ କୌଣସି ଉପାୟରେ



ଫେରାଇ ଦିଅନ୍ତି । ଭଗବାନ କାହାର ଋଣୀ ହୋଇ ରହିବାକୁ ଚାହାନ୍ତି ନାହିଁ ।

ବୃନ୍ଦାବନରେ କଲ୍ୟାଣ ଜୀ ନାମରେ ଜଣେ ସନ୍ଥ ରହୁଥିଲେ । ବାଙ୍କେ ବିହାରୀଙ୍କ ସେ ଜଣେ ପରମ ଭକ୍ତ ଥିଲେ । ଦିନେ ଜଣେ ସେଠ ତାଙ୍କ ନିକଟରେ ପହଞ୍ଚି ନିଜ ବେପାର ବଣିଜରେ ହେଉଥିବା କ୍ରମାଗତ କ୍ଷତି ବାବଦରେ କହି କାନ୍ଦି ସନ୍ଥଙ୍କ କୃପା ଭିକ୍ଷା କଲେ । ଏହି ସମୟରେ ବାଙ୍କେ ବିହାରୀଙ୍କ ପହଡ଼ ଖୋଲିଲା । ସେଠଙ୍କୁ ସନ୍ଥ ମହାରାଜ କହିଲେ – ଯାଅ, ଯାହା ମାଗିବା କଥା ବାଙ୍କେବିହାରୀଙ୍କୁ ମାଗ । ସନ୍ଥଙ୍କ କଥା ମାନି ସେଠ ବାଙ୍କେବିହାରୀଙ୍କୁ ନିଜ ଗୁହାରି ଜଣାଇଲେ ।

ତା' ପରଠୁ ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କ ବ୍ୟବସାୟରେ ଉନ୍ନତି ହେଲା । ସେଠଙ୍କ ଘର ବହୁ ଦୂରରେ ହେଲେ ବି ସେ ଏଣିକି ପ୍ରତି ମାସରେ ଥରେ ବାଙ୍କେବିହାରୀଙ୍କ ଦର୍ଶନ ପାଇଁ ଆସିଲେ । ଏମିତି ବହୁ ବର୍ଷ ଚାଲିଲା ।

ଧୀରେ ଧୀରେ ସେଠ ବୃଦ୍ଧ ଅବସ୍ଥାରେ ପହଞ୍ଚିଲେ । ଏବେ ବାଙ୍କେବିହାରୀଙ୍କ ଦର୍ଶନ କରିବାର ଇଚ୍ଛା ଥିଲେ ବି ନିଜର ଅତିଶୟ ବାର୍ଦ୍ଧକ୍ୟ ଅବସ୍ଥା ଏବଂ ଦୂର ବାଟ ଯୋଗୁ ସେ ଆଉ ବୃନ୍ଦାବନକୁ ଆସିପାରିଲେ ନାହିଁ । ଶଯ୍ୟାରେ ପଡି ଠାକୁରଙ୍କୁ ଧ୍ୟାନ କରିବା ଛଡ଼ା ତାଙ୍କର ଆଉ ଗତ୍ୟନ୍ତର ନ ଥିଲା । ଦିନେ ଅନ୍ୟ ଜଣେ ବ୍ୟବସାୟୀ ବନ୍ଧୁ ବୃନ୍ଦାବନ ଯାଉଥିବାର ଖବର ପାଇ ଶଯ୍ୟାଶାୟୀ ସେଠ ତାଙ୍କ ହାତରେ କିଛି ଅର୍ଥ ଦେଇ ବାଙ୍କେବିହାରୀଙ୍କ ସେବାରେ ଲଗାଇଦେବାକୁ ଅନୁରୋଧ କଲେ । ବ୍ୟବସାୟୀ ବନ୍ଧୁ ବୃନ୍ଦାବନରେ ପହଞ୍ଚି ସେଠଙ୍କ ଉକ୍ତ ଅର୍ଥରେ ଭଲ ଭାବେ ଖିରି ଖେଚୁଡ଼ି କରି ବାଙ୍କେବିହାରୀଙ୍କ ଭକ୍ତମାନଙ୍କୁ ପ୍ରସାଦ ରୂପେ ବଣ୍ଟନ କଲେ । ଶେଷରେ ହିସାବ କରି ସେ ଦେଖିଲେ ଯେ ଏ କାର୍ଯ୍ୟରେ ତାଙ୍କ ନିଜ ହାତରୁ ଦୁଇଶହ ଅଣଚାଳିଶ ଟଙ୍କା ଅଧିକ ଖର୍ଚ୍ଚ ହୋଇଛି । ଏହା ଜାଣି ସେ ମନେ ମନେ ଢେର ଖୁସି ହେଲେ । ନିଜର କିଛି ଅର୍ଥ ବାଙ୍କେ ବିହାରୀଙ୍କ ସେବାରେ ଲାଗିଥିବାରୁ ସେ କୃତାର୍ଥ ମଣିଲେ ।

ଏଣେ ନଟଖଟିଆ ବାଙ୍କେବିହାରୀ ଗୋଟିଏ ଛୋଟିଆ ଲୀଳା ଆରମ୍ଭ କରିଦେଲେ । ସେ ସେହିଦିନ ରାତିରେ ସେଠଙ୍କୁ ସ୍ୱପ୍ନରେ ଦେଖାଦେଇ ଉକ୍ତ ବ୍ୟବସାୟୀଙ୍କୁ ଦୁଇ ଶହ ଅଣଚାଳିଶ ଟଙ୍କା ଫେରାଇ ଦେବାକୁ କହିଲେ ।

ବ୍ୟବସାୟୀ ଜଣକ ବୃନ୍ଦାବନରୁ ଫେରିଲା ପରେ ସେଠ ତାଙ୍କୁ ନିଜ ଘରକୁ ଡାକି ଦୁଇଶହ ଅଣଚାଳିଶ ଟଙ୍କା ଫେରାନ୍ତେ, ସେ ଏଥିରେ ଆଶ୍ଚର୍ଯ୍ୟ ହୋଇଗଲେ । ମୁଁ ତ ଏ ଟଙ୍କା ବିଷୟରେ କାହାକୁ କିଛି କହିନି ! ପୁଣି ନିର୍ଦ୍ଦିଷ୍ଟ ଏତିକି ଟଙ୍କା ବାବଦରେ ସେଠ କେମିତି ଜାଣିଲେ ! ପରେ ସେଠ ନିଜ ସ୍ୱପ୍ନ କଥା ବର୍ଣ୍ଣନା କଲେ । ଭଗବତ ଉଦ୍ଦେଶ୍ୟରେ ଖର୍ଚ୍ଚ ହୋଇଥିବା ଅର୍ଥକୁ ଭଗବାନ ଯେତେବେଳେ ନିଜେ ଫେରାଇ ଦେଉଛନ୍ତି, ତେବେ ଅନ୍ୟ ଗରିବଗୁରୁବାଙ୍କ ପାଇଁ ଆପଣ ଯଦି କେବେ ଖର୍ଚ୍ଚ କରିଛନ୍ତି, କରୁଛନ୍ତି ବା ଭବିଷ୍ୟତରେ କରିବେ, ତେବେ କେବେ ନିଜକୁ ଦାନୀ ବୋଲି ଭାବିବେ ନାହିଁ । କାରଣ ଏହି ସେବା ଆପଣ ଅନ୍ୟ ପାଇଁ ନୁହେଁ, ନିଜ ପାଇଁ ହିଁ କରୁଛନ୍ତି । ଏୟା ଭାବି ଆଜିଠାରୁ ଯେତେ ପାରୁଛନ୍ତି ସେତେ ସାହାଯ୍ୟ ବା ପରୋପକାର କରିଚାଲନ୍ତୁ । ଧନକୁ ଜମେଇ ରଖନ୍ତୁନି । ଅଧିକ ଅର୍ଥକୁ ବ୍ୟାଙ୍କରେ ନ ରଖି ପୁଣ୍ୟର ବ୍ୟାଙ୍କରେ ରଖନ୍ତୁ । ବଳକା ଟଙ୍କାକୁ ବୋକାମାନେ ବ୍ୟାଙ୍କରେ ରଖନ୍ତି । ଚାଲାକ ଲୋକମାନେ ତାକୁ ସମାଜସେବାରେ ଖର୍ଚ୍ଚ କରିଦିଅନ୍ତି ।

– ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ, ମୋ –୯୪୩୭୨୯୨୬୯୯

## ପୁସ୍ତକ ସମୀକ୍ଷା

### ଝିଅଟେ ପଥୁରିଆ ସାହିରୁ

ଲେଖିକା– ଚନ୍ଦ୍ରା ମିଶ୍ର
ପ୍ରକାଶକ– କାହାଣୀ
ମୂଲ୍ୟ–୩୦୦ ଟଙ୍କା


'ଝିଅଟେ ପଥୁରିଆ ସାହିରୁ' ପୁସ୍ତକ ଏକ ଜୀବନ ଦର୍ଶନ , ସମ୍ମୋହକ ସ୍ମୃତି କଥା । ଗୋଟିଏ ଭାନୁମତୀ ପେଡି ଯେଉଁଠି ସ୍ଥାନିତ ହେଇଛି ଚନ୍ଦ୍ରା ମିଶ୍ରଙ୍କ ଅଗଣିତ କଥା । ୩୦୮ ପୃଷ୍ଠାର କଳେବର ଭିତରେ ଗୋଟିଏ ଦୃଢ଼ମନା ଝିଅର ଜୀବନ ଗାଥା । ଏଇ ସୃଜନ ସାମ୍ଭାରକୁ ଗଳ୍ପ ଭାବରେ ପାଠକ ଲାଗି ପରଷିବା କଳା କେବଳ ଚନ୍ଦ୍ରାଙ୍କ ପାଖରେ । କେତେ ସ୍ୱଚ୍ଛ, କେତେ ଦୃଢ଼ ଆଉ କେତେ ନିଷ୍କପଟ ହେଇପାରେ ଝିଅଟିଏର ଜୀବନ ସେତକ ଏଇ ଗପଗୁଡିକ କୁହନ୍ତି । ପଥୁରିଆ ସାହିର ଚଳଣି ଓ ପରମ୍ପରାକୁ ଗପ ଗୁଡିକରେ ଏଭଳି ଖଞ୍ଜିଛନ୍ତି ଲେଖିକା ଯେମିତି ପାଠକକୁ ସେହି ଜୀବନକୁ ଜୀଇଁ ଗଲାଭଳି ଲାଗିବ । ମାତ୍ର ଦଶ ମାସରୁ ମାଆଛେଉଣ୍ଡ ହୋଇଥିବା ଚନ୍ଦ୍ରା ସ୍ମୃତିର ସିନ୍ଦୁକରୁ ଖୋଲିଥିବା ଏକାବନଟି ନିର୍ବାଚିତ ଅନୁଭୂତି ସୁଖପାଠ୍ୟ ଗପର ଭୂମିକା ନିର୍ବାହ କରିଛନ୍ତି । ସରଳ, ସାବଲୀଳ ଭାଷା ଯେମିତି ପାଠକଙ୍କୁ ଆରମ୍ଭରୁ ଶେଷ ଯାଏଁ ବାନ୍ଧି ରଖି । କିଛି ବିରଳ ବ୍ୟକ୍ତିଗତ ଫଟୋଚିତ୍ର ସମ୍ବଳିତ ପୁସ୍ତକଟି ପାଠକୀୟ ଆଦର ଲାଭ କରିବ ବୋଲି ଆଶା କରାଯାଏ ।




### ସତ୍ୟଂ ଚ ଅପ୍ରିୟଂ ଚ

ଲେଖକ– ଓଁ ଅଭିଜ୍ଞାନ ସାହୁ
ପ୍ରକାଶକ– ଏଥେନା ବୁକ୍ସ
ମୂଲ୍ୟ– ୧୧୦ଟଙ୍କା

ଓଁ ଅଭିଜ୍ଞାନ ସାହୁଙ୍କର ପ୍ରଥମ ବ୍ୟଙ୍ଗ ପ୍ରତିବେଦନ ହେଲା ସତ୍ୟମ ଚ ଅପ୍ରିୟଂ ଚ । ବ୍ୟବସ୍ଥା ଓ ପ୍ରଚଳିତ ଜୀବନର ବିଡ଼ମ୍ବନା ପ୍ରତି କଟାକ୍ଷ ତାଙ୍କର ପ୍ରମୁଖ ଆୟୁଧ । ସମସ୍ତ ଅସଂଗତି ଓ ସମ୍ବେଦନହୀନତାକୁ ବିଦ୍ରୁପ କରିବାରେ ଏ ପୁସ୍ତକର ରଚନାମାନ ଯଥେଷ୍ଟ ସମର୍ଥ । ତୀବ୍ର ସାମାଜିକ ଓ ରାଜନୈତିକ ବିଦ୍ରୁପ ଏ ବହିର ରଚନାଗୁଡିକୁ ଦେଇଛି ବିଶେଷ ସାମର୍ଥ୍ୟ । ଲଳିତ ନିବନ୍ଧ ଭାବେ ଉପସ୍ଥାପିତ ହୋଇଥିଲେ ମଧ ଗଦ୍ୟଗୁଡିକରେ ତୀକ୍ଷ୍ଣତା ପ୍ରତିଫଳିତ ହୋଇଛି । ଅନେକ କ୍ଷେତ୍ରରେ ଶବ୍ଦ ସବୁ ଯେମିତି ଶାଣ ଦିଆ । ବ୍ୟଙ୍ଗୋକ୍ତି କଲାବେଳେ ସେ କିଛିଟା ଚଟୁଳ ମନେ ହେଲେ ମଧ ତାଙ୍କର ବାକ୍ୟ ସବୁ ଯେମିତି ଦାଢୁଆ ତରବାରୀ । ମୋଟାମୋଟି ବ୍ୟଙ୍ଗକୁ ନିରୋଳ ହାସ୍ୟ ଭିତରୁ ବାହାର କରି ତା'ର ଏକ ନୂଆ ଆୟାମ ପ୍ରସ୍ତୁତି ଅଭିଜ୍ଞାନ ଙ୍କର ଲକ୍ଷ୍ୟ । ପାଠକର ହୃଦୟକୁ ତୁରନ୍ତ ସ୍ପର୍ଶ କରିବାରେ ସକ୍ଷମ ତାଙ୍କର ଶିରୋନାମା ସବୁ । ବ୍ୟଙ୍ଗର ଦୁନିଆଁ ରେ ଏ ନୂଆ ଆୟତନ ସଂଯୋଜନ ପାଠକମାନଙ୍କ ପାଇଁ ଖୁସିର ଖବର ନିଶ୍ଚୟ ।




### ଶ୍ରୀ ଜଗନ୍ନାଥ ଚେତନାରେ ଦଧିବାମନ ଉପାସନା

ଲେଖକ–ଡ.ମଥୁରେନ୍ଦ୍ର ପୃଷ୍ଟି
ପ୍ରକାଶକ–ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ
ଭୁବନେଶ୍ୱର, ମୂଲ୍ୟ–୨୦୦ଟଙ୍କା

ଶ୍ରୀ ଜଗନ୍ନାଥ ଚେତନାରେ ଦଧିବାମନ ଉପାସନା ପୁସ୍ତକର ଲେଖକ ଡ.ମଥୁରେନ୍ଦ୍ର ପୃଷ୍ଟି । ଏଥିରେ ଜଗନ୍ନାଥଙ୍କ ଦଧିବାମନ ଉପାସନା ବିଷୟରେ ଅନେକ ଉପାଦେୟ ତଥ୍ୟ ଫଟୋ ସହିତ ପ୍ରକାଶିତ ହୋଇଛି । ଦଧିବାମନଙ୍କୁ ବିଭିନ୍ନ ଦେବତାଙ୍କର ପ୍ରତୀକ ଭାବରେ ଉପାସନା କରାଯାଉଥିଲେ ମଧ ଦଧିବାମନଙ୍କୁ ମୁଖ୍ୟତଃ ଜଗନ୍ନାଥ, ଶ୍ରୀକୃଷ୍ଣ ଓ ଶ୍ରୀମାଧବ ରୂପେ ସର୍ବତ୍ର ପୂଜା କରାଯାଏ । ଆଦିବାସୀମାନଙ୍କର ଖମ୍ୱେଶ୍ୱରୀ, ନୀଳମାଧବ ଓ ସ୍ତମ୍ଭରୂପୀ ନୃସିଂହ ଓ ଦଧିବାମନ ଏକ ତଥା ଅଭିନ୍ନ ଦେବତା । ସ୍ଥାନ ଭେଦରେ ଦଧିବାମନ ବଂଶୀଧାରୀ କୃଷ୍ଣ, ହସ୍ତ, ପଦ ଶୂନ୍ୟ ନିରାକାର ଜଗନ୍ନାଥଙ୍କୁ ନିର୍ଗୁଣ ବ୍ରହ୍ମ ସ୍ୱରୂପ ଓ ନୃସିଂହଙ୍କୁ ଖମ୍ବର ପ୍ରତୀକ ଭାବେ ପୂଜା କରାଯାଉଛି । ଦଧିବାମନଙ୍କୁ ଓଡ଼ିଶାର ମଠ ଓ ମନ୍ଦିର ମାନଙ୍କରେ ପୂଜା କରାଯାଉଛି । ଗ୍ରନ୍ଥଟିରେ ଦଧିବାମନଙ୍କ ବିଷୟରେ ବିସ୍ତୃତ ବର୍ଣ୍ଣନା କରାଯାଇଛି । ଆଶା ପୁସ୍ତକଟି ଗୁଣୀ ପାଠକଙ୍କୁ ଛୁଇଁବ ।






# ତରଭୁଜର ଦାମ

**ଖ**ରାଦିନେ ତରଭୁଜ ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରନ୍ତି। ଆମ ଦେଶରେ ଏହାର ଭଲ ଉତ୍ପାଦନ ବି ହୋଇଥାଏ। ତେଣୁ କମ୍ ମୂଲ୍ୟରେ ବି ଏହା ମିଳିଯାଏ। ତେବେ ଚାଇନା, ଜାପାନ, ମାଲେସିଆ ଓ ଥାଇଲାଣ୍ଡରେ ଏମିତି ଏକ ପ୍ରକାରର ତରଭୁଜ ମିଳେ ଯାହାର ଦାମ ଆକାଶଛୁଆଁ। ଖାସ୍‌କରି ଜାପାନର ଉତ୍ତର ପୂର୍ବ ଆଇଲାଣ୍ଡରେ ହେଉଥିବା ଏହି ତରଭୁଜ ଡେନ୍‌ସୁକ୍ ନାମରେ ପରଚିତ। ଏହା ୫-୧୦ କି.ଗ୍ରା. ଓଜନରେ ଉପଲବ୍ଧ ହୁଏ। ଆଉ ଏହାର ମୂଲ୍ୟ ୪ ଲକ୍ଷରୁ ଉର୍ଦ୍ଧ୍ୱ। ଏହା ଏକ ସ୍ୱତନ୍ତ୍ର ପ୍ରକାର ପରିବେଶରେ ବଢିଥାଏ। ଆଉ ଏଥିରେ ଖାସ୍ ପ୍ରକାରର ଖତ ବ୍ୟବହୃତ ହୁଏ। ଏଥିରେ ଅନ୍ୟ ତରଭୁଜ ଅପେକ୍ଷା ଅଧିକ ପାଣି ଥାଏ ଓ ଅଧିକ ମିଠା ଲାଗେ। ୨୦୦୮ରେ ପ୍ରଥମ କରି ଏହାର ଚାଷ ହୋଇଥିଲା। ସେତେବେଳେ ଏହା ୪ ଲକ୍ଷରେ ବିକ୍ରି ହୋଇଥିଲା। ଅନ୍ୟ ତରଭୁଜ ଅପେକ୍ଷା ଏଥିରେ ଅଧିକ ଜିଙ୍କ, ଆଇରନ, କପର, ପଟାସିୟମ ଆଦି ମହଜୁଦ ଥାଏ। ଚର୍ମରେ କୌଣସି ପ୍ରକାରର ସଂକ୍ରମଣ ପାଇଁ ଏହା ବେଶ ଉପାଦେୟ।

ବ୍ୟାକ୍ ପେଜ୍

# ବ୍ୟାଡମିଣ୍ଟନ ଓସ୍ତାଦ କୁକୁର



**କେ**ବଳ ଯେ ମଣିଷଙ୍କ ଭିତରେ ଟାଲେଣ୍ଟ ଭରି ରହିଥାଏ ତାହା ନୁହେଁ, ପ୍ରାଣୀଙ୍କ ଭିତରେ ବି ଥାଏ ଅନେକ ଟ୍ୟାଲେଣ୍ଟ। ଯେମିତିକି ସ୍କଟଲାଣ୍ଡର ୨ ବର୍ଷୀୟ 'କକର୍ ସ୍ପାନିଏଲ ଲିଓ' ନାମକ ଏକ କୁକୁର। ଲିଓ ବାଡମିଣ୍ଟନ ଓ ପିଙ୍ଗ୍‌ପଙ୍ଗ୍ ଖେଳିବାରେ ଏତେ ଧୂରନ୍ଧର ଯେ ନ ଦେଖିଲେ ବିଶ୍ୱାସ କରି ହେବନି। ସେ ଓ୍ୱିମ୍ବଲଡନ୍ ଷ୍ଟାର ଭଳି ଖେଳିଥାଏ। ର୍‍ୟାକେଟ୍‌କୁ ପାଟିରେ ଧରି ବଲ୍‌କୁ ସେ ବେଶ୍ ଫୁର୍ତ୍ତିର ସହ ଦୌଡି ଦୌଡି ଶଟ୍ ମାରିପାରେ। ଲିଓର ମାଲିକାଣୀ ଏମିଲି ଜଣେ ଡଗ୍ ଟ୍ରେନର୍। ସେ ଯେବେ ପ୍ରଥମେ ଲିଓକୁ ର୍‍ୟାକେଟ୍ ଧରାଇଥିଲେ ତା' ଭିତରେ ବ୍ୟାଡମିଣ୍ଟନ ଖେଳିବାର ଦକ୍ଷତା ଦେଖିବାକୁ ପାଇଥିଲେ। ତେଣୁ ଲିଓକୁ ତାଲିମ ଦେବା ଲାଗି ତାଙ୍କୁ ବିଶେଷ ପରିଶ୍ରମ କରିବାକୁ ପଡି ନ ଥିଲା । ଏହାବାଦ ସେ ପିଙ୍ଗପଙ୍ଗ ବି ବହୁତ ଭଲ ଭାବେ ଖେଳିପାରେ। ପରଫେକ୍ଟ ସିପିଆର ଓ ପେଣ୍ଟିଂ କରିପାରେ। ସେ ଜାଇଲୋଫୋନ୍ ବି ବେଶ୍ ସୁନ୍ଦରଭାବେ ବଜାଇପାରେ। କହିବାକୁ ଗଲେ ଲିଓ ଏକ ମଲ୍ଟିଟ୍ୟାଲେଣ୍ଟେଡ କୁକୁର ଅଟେ। ଲିଓର ନିଜସ୍ୱ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ବି ଅଛି। ଯେଉଁଥିରେ ସେ ବ୍ୟାଡମିଣ୍ଟନ, ପିଙ୍ଗପଙ୍ଗ ଖେଳୁଥିବା ଓ ପେଣ୍ଟିଂ କରୁଥିବା ଭିଡିଓ ଓ ଫଟୋ ରହିଛି। ହଜାର ହଜାର ଲୋକ ଲିଓକୁ ଫଲୋ ବି କରୁଛନ୍ତି।



# ଆଲିଙ୍ଗନ କରି ପର୍ଯ୍ୟଟକଙ୍କୁ ସ୍ୱାଗତ କରୁଛି ସିଂହ



**ସିଂ**ହର ଗର୍ଜନରେ ଦେହ ଥରିଯାଏ। ପାଖରେ ଦେଖିଲେ ତ ମୃତ୍ୟୁକୁ ସାମ୍ନାରେ ଦେଖିଲା ପରି ମନେ ହୁଏ। କିନ୍ତୁ କ୍ରିମିଆ ପେନିନସୁଲାରେ ଥିବା ଟାଇଗର୍ ସଫାରୀରେ ଦେଖିବାକୁ ମିଳେ ଏମିତି ଏକ ଦୃଶ୍ୟ ଯାହା ଅଦ୍ଭୁତ ଓ ବେଶ୍ ଭୟଙ୍କର ଲାଗିବ। କାରଣ ସଫାରୀରେ ଗଲାବେଳେ ସଫାରୀ ଗାଡି ଭିତରକୁ ଚାଲି ଆସନ୍ତି ବିରାଟକାୟ ସିଂହ। ପର୍ଯ୍ୟଟକଙ୍କୁ ଆଲିଙ୍ଗନ କରି କୁକୁର ବିଲେଇ ପରି ତାଙ୍କ ସହ ଘସି ହୁଅନ୍ତି। ଜିଭରେ ଚାଟି ଗେଲ କରନ୍ତି। ଏତେ ବଡ ସିଂହକୁ ଏତେ ପାଖରେ ପାଇ ପର୍ଯ୍ୟଟକ ଭୟରେ ଶିହରୀ ଉଠନ୍ତି, ହେଲେ ଯେବେ ସିଂହ କିଛି କ୍ଷତି ନ କରି ସ୍ନେହରେ ଆଲିଙ୍ଗନ କରି ଗେଲ ହୁଏ ମନରେ ଦମ୍ଭ ଆସେ। ଭୟ ଦୂରେଇଯାଏ। ୩୦ ହେକ୍ଟର ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ଏହି ସଫାରୀ ପାର୍କରେ ସିଂହଙ୍କର ବ୍ରିଡ କରାଯାଏ। ଆଉ ଛୋଟବେଳୁ ସିଂହଙ୍କୁ ଏଭଳି ତାଲିମ ଦିଆଯାଏ ଯେ, ଏମାନେ ମଣିଷର କିଛି କ୍ଷତି କରନ୍ତି ନାହିଁ। ବରଂ ମଣିଷଙ୍କ ସହ ବେଶ୍ ସହଜରେ ମିଶନ୍ତି ଓ ବନ୍ଧୁ ଭଳି ବ୍ୟବହାର କରନ୍ତି। ତେଣୁ ପାର୍କ ଭିତରକୁ ଗାଡି ପ୍ରବେଶ କରିବା ଦେଖିବାମାନେ ସିଂହମାନେ ଗାଡି ଭିତରକୁ ଚାଲି ଆସି ପର୍ଯ୍ୟଟକଙ୍କୁ ଆଲିଙ୍ଗନ କରି ସ୍ୱାଗତ କରନ୍ତି।

